ବର୍ଷ-୨୫, ସଂଖ୍ୟା-୧୪୬
ଭୁବନେଶ୍ୱର
୨୯, ମଇ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 146
Bhubaneswar
29,May, 2025, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଶେଷ ମ୍ୟାଚରେ ଗର୍ଜିଲା ପନ୍ତଙ୍କ ବ୍ୟାଟ୍



## ୫ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

# ବଢ଼ିଲା ସରକାରୀ ଚାକିରି ଆବେଦନ ବୟସସୀମା

**ଭୁବନେଶ୍ୱର,୨୮।୫(ମହାଭାରତ):** ଆଜି ରାଜ୍ୟ କ୍ୟାବିନେଟର ୨୦ ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ ପ୍ରସ୍ତାବରେ ମୋହର ବାଜିଥିବା ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସୂଚନା ଦେଇଛନ୍ତି। ପ୍ରସ୍ତାବ ମଧ୍ୟରେ ରହିଛି ଯୋରନ୍ଦା ମହିମା ଗାଦିର ବିକାଶ, ବିଭିନ୍ନ ସରକାରୀ ଚାକିରିରେ ଆବେଦନ ପାଇଁ ବୟସ ସୀମା ବୃଦ୍ଧି, ଏଆଇ ମିଶନ, ଜଗତସିଂହପୁରରେ ଜେଟି ନିର୍ମାଣ, ଓଡ଼ିଶା ଚକ୍ଷୁ ସେବା ପାଇଁ ପାଇଁ ପଦବୀ ସୃଷ୍ଟି ପ୍ରମୁଖ।



ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, ସରକାରୀ ଚାକିରିରେ ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିଲାଗି ସରକାର ଓଡିଶା ବେସାମରିକ ସେବା (ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ର ସଂଶୋଧନ କରାଯାଇଛି। ସରକାରଙ୍କ ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁଯାୟୀ ସରକାରୀ ପଦପଦବୀ ଓ ସେବାରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସ ସୀମା ପୂର୍ବରୁ ୩୨ ବର୍ଷ ରହିଥିଲା। କ୍ୟାବିନେଟ୍ ନିଷ୍ପତ୍ତି ଦ୍ୱାରା ସରକାରୀ ଚାକିରି ପାଇଁ ପ୍ରସ୍ତୁତି କରି ବୟସସୀମା ପାର ହୋଇଯାଇଥିବା ଆଶାୟୀ ଉପକୃତ ହେବେ। ମୁଖ୍ୟ ସଚିବ କହିଥିଲେ ଯେ, ଆଗାମୀ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ନିମନ୍ତେ ସର୍ବୋଚ୍ଚ ବୟସ ସୀମାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ବହୁ ଅନୁରୋଧ ସରକାରଙ୍କ ହସ୍ତଗତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କିଛି ସେବା ଓ ପଦବୀ ଯେଉଁଠାରେ ସର୍ବୋଚ୍ଚ ବୟସ ସୀମା ଅଧିକ ଉଲ୍ଲେଖ ହୋଇଛି କିମ୍ବା ୟୁନିଫର୍ମ ସେବା ଯଥା ପୋଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ସେବା ଇତ୍ୟାଦି ଏବଂ ଯେଉଁ ସେବା ଓ ପଦବୀରେ ଶାରୀରିକ ଦକ୍ଷତା ପରୀକ୍ଷା ରହିଥାଏ ଏବଂ ଏହାବ୍ୟତୀତ ଅନ୍ୟ ସମସ୍ତ ବିଭିନ୍ନ ମୂଳ ପଦବୀ ଓ ସେବାରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉପରୋକ୍ତ ସର୍ବୋଚ୍ଚ ବୟସସୀମା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ, ମହିଳା, ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଲାଗୁ ହେଉଥିବା ନିୟମାବଳୀ ଅନୁସାରେ କୋହଳ ହେବ ବୋଲି ମୁଖ୍ୟ ସଚିବ କହିଥିଲେ।

ସେହିଭଳି, ରାଜ୍ୟରେ କୃତ୍ରିମ ବୁଦ୍ଧିମତାକୁ ସମ୍ପୂର୍ଣ୍ଣ ପ୍ରୋତ୍ସାହନ ଦେବାକୁ ଏଆଇ ନୀତିକୁ ଅନୁମୋଦନ ଦିଆଯାଇଛି। ଏହା ଅନୁସାରେ ଏଆଇ ମିଶନ ଓ ଏଆଇ ସେଲ ଆରମ୍ଭ କରାଯିବ। ଏଆଇ କ୍ଷେତ୍ରରେ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶା ଏଆଇ ପଲିସି-୨୦୨୫ ଚାରିଟି ସ୍ତମ୍ଭ ଉପରେ ଦଣ୍ଡାୟମାନ। ଏହି ସ୍ତମ୍ଭଗୁଡ଼ିକ ହେଲା-କୃତ୍ରିମ ବୁଦ୍ଧିମତାର ମୌଳିକ ଭିତ୍ତିଭୂମି, ଦକ୍ଷତା, ଶକ୍ତି ଓ ନିୟନ୍ତ୍ରଣାତ୍ମକ ଢାଞ୍ଚା। ଏହା ରାଜ୍ୟର କମ୍ପ୍ୟୁଟିଙ୍ଗ କ୍ଷମତାକୁ ସରଳ କରିବା ସହିତ ପରିପକ୍ୱ ତଥ୍ୟ ପ୍ରଦାନ କରିପାରିବ ଏବଂ ଶିଳ୍ପ ଓ ଶିକ୍ଷା ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବ। ଏହି ନୀତି ରାଜ୍ୟର ବୈଷୟିକ ଦକ୍ଷତା ବୃଦ୍ଧି ସହ ଏକ ପ୍ରଭାବୀ ବ୍ୟବସ୍ଥାକୁ ସୁନିଶ୍ଚିତ କରିବ। ଏହି ନୀତିର ଏକ ପ୍ରମୁଖ ବିଶେଷତତ୍ୱ ହଲା ଏକ ସ୍ୱତନ୍ତ୍ର ଏଆଇ ମିଶନର ସୃଷ୍ଟି, ଯାହା ସରକାରୀ ବିଭାଗ ମାନଙ୍କ ମଧ୍ୟରେ ଏଆଇ ପ୍ରୟୋଗର ପ୍ରୟାସ ଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ସର୍ବୋଚ୍ଚ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରିବ। ସମୟ ଉପଯୋଗୀ ବିକାଶମୂଳକ ପ୍ରକଳ୍ପ ପ୍ରସ୍ତୁତି, ପାଇଲଟ ପ୍ରକଳ୍ପଗୁଡିକ ମଧ୍ୟରେ ସମନ୍ୱୟ ସ୍ଥାପନ ତଥା ସରକାରୀ ସଂସ୍ଥା, ଷ୍ଟାର୍ଟଅପ୍ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁସନ୍ଧାନ ଓ ବିକାଶମୂଳକ କାର୍ଯ୍ୟରେ ମାର୍ଗଦର୍ଶନରେ ସହାୟତା ଦେବ। ଓଡ଼ିଶା ଏଆଇ ମିଶନରେ ଦୁଇସ୍ତରୀ ପରିଚାଳନା ବ୍ୟବସ୍ଥା କରାଯାଇଛି। ଗୋଟିଏ ଏକ ଉଚ୍ଚସ୍ତରୀୟ ଏଆଇ ଟାସ୍କଫୋର୍ସ ଓ ଅନ୍ୟଟି ଏଆଇ ସେଲ୍।

ତୃତୀୟରେ ଢେଙ୍କାନାଳ ଯୋରନ୍ଦା ସ୍ଥିତ ମହିମା ଗାଦିର ଉନ୍ନତିମୂଳକ କାର୍ଯ୍ୟ ଓ ଐତିହାସିକ ଓ ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ଶୂନ୍ୟ ମଣ୍ଡପ ନିର୍ମାଣକୁ ଅନୁମୋଦନ ମିଳିଛି। ଏଥିପାଇଁ ୧୭୧ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ୩୬ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଜଗତସିଂହପୁର ଜଟାଧାର ମୁହାଣରେ ଜେଏସଡବ୍ଲ୍ୟୁର ନିଜସ୍ୱ ଜେଟି ପାଇଁ ଅନୁମତି ମିଳିଛି। ଏଥିପାଇଁ ରାଜ୍ୟ ସରକାର ଓ ଜେଏସଡବ୍ଲ୍ୟୁ ମଧ୍ୟରେ ଚୁକ୍ତିନାମାକୁ ଅନୁମୋଦନ କରିଛି କ୍ୟାବିନେଟ। ଏହାଦ୍ୱାରା ୩୪୫୦ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିଯୁକ୍ତି ମିଳିବ। ସେହିଭଳି ଓଡ଼ିଶା ଚକ୍ଷୁ ସେବା ପାଇଁ ୧୪୧ଟି ନୂଆ ପଦବୀ ସୃଷ୍ଟି ହେବ ଓ ପଦୋନ୍ନତି ଭିତରେ ୨୦୦ଟି ପଦବୀ କରାଯାଇଛି।

## ୭ ବର୍ଷ ପରେ ଆସିଲା ରାୟ

# ପୁଞ୍ଜିଲାଲକୁ ଆଜୀବନ

**ପାଟଣାଗଡ଼,୨୮।୫(ମହାଭାରତ):** ଦେଶକୁ ଦୋହଲାଇ ଦେଇଥିବା ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ଆଜି ପ୍ରକାଶ ପାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ପାଟଣାଗଡ଼ ଏଡିଜେ କୋର୍ଟ। ପୁଞ୍ଜିଲାଲକୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ବିଭିନ୍ନ ଧାରାରେ ୧ ଲକ୍ଷ ୪୦ ହଜାର ଟଙ୍କା ଜରିମାନା ଲଗାଇଛନ୍ତି କୋର୍ଟ । ଏହାର ଅର୍ଥ ମୃତ୍ୟୁ ଯାଏ ଜେଲରେ ରହିବାକୁ ଦଣ୍ଡ ପାଇଛି ପୁଞ୍ଜିଲାଲ ମେହେର। ପାଟଣାଗଡ଼ ଏଡିଜେ କୋର୍ଟରୁ ପୁଞ୍ଜିଲାଲ ମେହେରଙ୍କୁ ବଲାଙ୍ଗିର ଜେଲ୍‌କୁ ନିଆଯାଇଛି।

ଦୀର୍ଘ ୭ ବର୍ଷର ନ୍ୟାୟିକ ତଦନ୍ତ ପରେ ଆଜି ରାୟ ପ୍ରକାଶ ପାଇଛି। ୨ ହଜାର ପୃଷ୍ଠାର ଚାର୍ଜଶିଟ୍ ଓ ୬୦ରୁ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ ସହ ପକ୍ଷ ଓ ପ୍ରତିପକ୍ଷଙ୍କ ଜୋରଦାର ଯୁକ୍ତିତର୍କ ପରେ କୋର୍ଟ ପୁଞ୍ଜିଲାଲକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୀର୍ଘ ୭ ବର୍ଷ ଧରି ଚାଲିଥିବା ତଦନ୍ତ ଓ ଶୁଣାଣି ପରେ କୋର୍ଟ ଆଇପିସିର ଧାରା ୩୦୨ ହତ୍ୟା, ସୌମ୍ୟଶେଖରଙ୍କ ସ୍ତ୍ରୀ ରିମାଙ୍କୁ ହତ୍ୟା ଉଦ୍ୟମ ପାଇଁ ଧାରା ୩୦୭, ୨୦୧ , ସେକ୍ସନ ୩ ଓ ୪



ଦଫା ଅନୁଯାୟୀ ପୁଞ୍ଜିଲାଲକୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି। ତେବେ ପୁଞ୍ଜିଲାଲ ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ଭୁଲ୍ ତଥ୍ୟ ଦେଇ ମୋତେ ଫସାଯାଇଛି ବୋଲି ସେ କହିଛନ୍ତି। ମୋତେ ମିଡିଆ। ଟ୍ରାଏଲ କରାଯାଇଛି।ମୋ ଜୀବନକୁ ବର୍ବାଦ କରାଯାଇଛି ବୋଲି ପୁଞ୍ଜିଲାଲ କହିଛନ୍ତି।

ସୌମ୍ୟଶେଖରଙ୍କ ବାପା କହିଛନ୍ତି। ମୋର ସବୁକିଛି ଭାସିଯାଇଛି। ବଞ୍ଚିବାର କୌଣସି ରାସ୍ତା ନାହିଁ। ୭ ବର୍ଷ ଧରି ଏହି କୋର୍ଟ ରୁମ୍ ସିଡ଼ି ଚଢ଼ିଛି, କେବଳ ପୁଅକୁ ନ୍ୟାୟ ଦେବା ପାଇଁ ଆଜି ପୁଞ୍ଜିଲାଲ ମେହେରଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ସଜା ଶୁଣାଇଥିବାରୁ କିଛିଟା ଆଶ୍ୱସ୍ତି ଅନୁଭବ ହେଉଛି। ପୁଞ୍ଜିଲାଲଙ୍କୁ ଫାଶୀ ମିଳିବ ବୋଲି ଆଶା କରିଥିଲୁ । କିନ୍ତୁ କୋର୍ଟ ଆଜୀବନ ସଜା ଶୁଣାଇଛନ୍ତି । ଫାଶୀ ହୋଇଥିଲେ ପୁଞ୍ଜିଲାଲ୍ ଥରକରେ ମରିଯିବ। କିନ୍ତୁ ଆଜୀବନ ସଜାରେ ସାରା ଜୀବନ ଏମିତି ବଞ୍ଚି ବଞ୍ଚି ମରିବ। ସେହିଭଳି ସୌମ୍ୟ ଶେଖରଙ୍କ ମା ସଂଯୁକ୍ତା ସାହୁ କହିଛନ୍ତି, ପୁଞ୍ଜିଲାଲ ମଣିଷ ନା ରାକ୍ଷାସ ନା ସଇତାନ୍ ? ପୁଞ୍ଜିଲାଲ କଣ କେହି କହିପାରିବେ ନାହିଁ ପୁଅ ଓ ଶାଶୂଙ୍କ ମୃତ୍ୟୁର ଦୁଃଖ କେବେ ବି ଯିବନି ।କିନ୍ତୁ ଆଜି ନ୍ୟାୟ ମିଳିଛି।

ଏହି ରାୟକୁ ନେଇ ପ୍ରତିକ୍ରିୟା ରଖି ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ସେ କହିଛନ୍ତି, ମାମଲାରେ କେହି ପ୍ରତ୍ୟକ୍ଷ ସାକ୍ଷୀ ନଥିଲେ, ଯାହା ବଡ଼ ଚ୍ୟାଲେଞ୍ଜ ଥିଲା। ଯେଉଁଠି ପ୍ରତ୍ୟକ୍ଷ ସାକ୍ଷୀ ନଥାନ୍ତି, ଫୋରେନସିକ୍ ପ୍ରମାଣ ଗୁରୁତ୍ୱପୂର୍ଣ୍ଣ ଥାଏ। ପୁଞ୍ଜିଲାଲ ମାମଲାରେ ଫୋରେନସିକ୍ ପ୍ରମାଣ ତଥ୍ୟ ଦେଇଥିଲା। ସେ ବ୍ୟବହାର କରିଥିବା ଏନ୍‌ଭଲପ, ଅଠା ପ୍ରମାଣ ଦେଇଥିଲା। ସେହିପରି ବିସ୍ଫୋରକ ବାହାର କରି ଫିଙ୍ଗିଥିବା ଖୋଳ ବି ସୁରାକ୍ ଦେଇଥିଲା । ସେ ଯେଉଁ ଡଷ୍ଟବିନ୍‌ରେ ଫିଙ୍ଗିଥିଲା, ତାହା ଲ୍ୟାବ୍‌ରେ ମ୍ୟାଚ୍ କଲା। ସେହିପରି ପୁଞ୍ଜିଲାଲ ଲେଖିଥିବା ଚିଠି ମଧ୍ୟ ଆମକୁ ବାଟ ଦେଖାଇଲା। ତାର ଭାଷା ଓ ଲେଖିବା ଶୈଳୀ ବହୁ ଉଚ୍ଚକୋଟୀର ଥିଲା। ଜଣେ ଇଂରାଜୀରେ ଦକ୍ଷତା ଥିବା ବ୍ୟକ୍ତି ହିଁ କରିପାରିବ ଜାଣିଥିଲୁ ।ତେଣୁ ପୁଞ୍ଜିଲାଲକୁ କେହି ସନ୍ଦେହ କରୁ ନଥିଲେ ବି ଧରିଥିଲୁ। ଆଉ ବୋମା ତିଆରି ପାଇଁ ଡେମୋ ଦେଖାଇବା ପର୍ଯ୍ୟନ୍ତ ତାକୁ ମନାଇଥିଲୁ ।ସେ ଯାହା ବି ହେଉ କୋର୍ଟଙ୍କ ରାୟ ଆମ ପୂରା ଟିମ୍‌କୁ ଖୁସି କରିଛି ବୋଲି ଅରୁଣ ବୋଥ୍ରା କହିଛନ୍ତି।

## ହମାସର ଗାଜା ମୁଖ୍ୟ ସଫା

**ଜେରୁଜେଲମ,୨୮।୫(ମହାଭାରତ):** ଗାଜାକୁ ଦଖଲ କରିବାକୁ ଉଦ୍ୟମକୁ କରୁଥିବା ଇସ୍ରାଏଲକୁ ମିଳିଛି ବଡ଼ ସଫଳତା। ଉଭୟ ସ୍ଥଳ ଓ ଆକାଶ ପଥରେ ଗାଜା ଉପରେ ଘନଘନ ଆକ୍ରମଣ କରୁଥିବା ଇସ୍ରାଏଲ ସେନା ବଡ଼ ମୁଣ୍ଡ ନେବାକୁ ସକ୍ଷମ ହୋଇଛି। ଇସ୍ରାଏଲ ସେନାର ଆକ୍ରମଣରେ ହମାସର ଗାଜା ମୁଖ୍ୟ ମହମ୍ମଦ ସିନାର ପ୍ରାଣ ହରାଇଛନ୍ତି ।ଏକଥା ନିଜେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଘୋଷଣା କରିଛନ୍ତି। ମହମ୍ମଦ ସିନାର ହେଉଛନ୍ତି ଇସ୍ରାଏଲର ମୋଷ୍ଟ ୱାଣ୍ଟେଡ ତଥା ହମାସର ଦିବଂଗତ ମୁଖିଆ ୟାହୟା ସିନାରଙ୍କ ଭାଇ। ୟାହୟା ସିନାରଙ୍କୁ ଇସ୍ରାଏଲ ସେନା ଗତବର୍ଷ ଅକ୍ଟୋବର ମାସରେ ହତ୍ୟା କରିଥିଲେ। ସିନୱର ସିନାରଙ୍କ ମୃତ୍ୟୁ ପରେ ମହମ୍ମଦ ସିନାର ହମାସର ସବୁ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ସଂଗଠନର ସବୁଠାରୁ ବରିଷ୍ଠ ସଦସ୍ୟ ଭାବେ କାମ କରୁଥିଲେ।

## ଭୁବନେଶ୍ୱରରେ ୫ କରୋନା ଆକ୍ରାନ୍ତ

**ଭୁବନେଶ୍ୱର,୨୮।୫(ମହାଭାରତ):** ଦେଶରେ ଚିନ୍ତା ବଢାଇଛି କରୋନା ସଂକ୍ରମଣ। ହଜାରେ ପାର୍ କଲାଣି ପଜିଟିଭଙ୍କ ସଂଖ୍ୟା। ଏପଟେ ରାଜ୍ୟକୁ ବି ମାଡିଲାଣି। ରାଜ୍ୟରେ ପୁଣି ବଢ଼ିଛି କୋଭିଡ୍ ପଜିଟିଭ ସଂଖ୍ୟା। ରାଜ୍ୟରେ ମୋଟ ୫ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏବେ ଆଉ ୪ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କ ମଧ୍ୟରୁ ୪ ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି। ତେବେ ଚିହ୍ନଟ ୫ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୪ ଜଣ ଭୁବନେଶ୍ୱର ଓ ଜଣେ ଖୋର୍ଦ୍ଧା ଅଂଚଳର। କେବଳ ରାଜ୍ୟ ନୁହେଁ ସାରା ଦେଶରେ ବି କୋଭିଡ୍ କେସ ବଢିବାରେ ଲାଗିଛି।

ରାଜ୍ୟବାସୀଙ୍କୁ ଭୟଭୀତ ନହେବାକୁ ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର। ସେ କହିଛନ୍ତି କୋଭିଡ ସ୍ଥିତି ନିୟନ୍ତ୍ରଣରେ ଅଛି। କୋଭିଡରେ ଅସ୍ୱାଭାବିକ ବୃଦ୍ଧି ଦେଖିବାକୁ ମିଳିନି । ବ୍ୟସ୍ତ ହେବାର କାରଣ ନାହିଁ ଯଦି କେଉଁଠି ରିପୋର୍ଟ ଆସେ ଆରଟିପିସିଆର କରିବୁ, ଦରକାର ହେଲେ ଜିନମ ସିକ୍ୱେନ୍ସିଂ କରାଯିବ। ପ୍ରଥମ ରୋଗୀର ସ୍ୱାସ୍ଥ୍ୟବସ୍ଥା ଭଲ ଅଛି। ତାଙ୍କର ଜିନମ୍ ସିକ୍ୱେନସିଂରୁ ଓମିକ୍ରନର ସବ୍ ଭାରିଆଣ୍ଟ ଜେଏନ ୧ ଚିହ୍ନଟ ହୋଇଛି। ଏଯାଏଁ କେନ୍ଦ୍ର ସରକାରଙ୍କ ଠାରୁ କୌଣସି ନୂଆ ଗାଇଡ ଲାଇନ୍ ଆସିନି। ପୂର୍ବରୁ ଥିବା ୨୦୨୨ ମସିହା ଗାଇଡ ଲାଇନ୍ ଅନୁସାରେ ହସ୍ପିଟାଲମାନେ କାମ କରୁଛନ୍ତି। ଏବେ କୋଭିଡକୁ ନେଇ ଭୟଭୀତ ହେବା ଭଳି ସ୍ଥିତି ନାହିଁ, କେହି ବ୍ୟସ୍ତ ହେବାର ଆବଶ୍ୟକତା ନଥିବା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର। ସୂଚନା ମୁତାବକ ମେ ୨୨ ତାରିଖରେ ଓଡ଼ିଶାରେ ପ୍ରଥମ କରୋନା ପଜିଟିଭ ଚିହ୍ନଟ ହୋଇଥିଲା । ଆକ୍ରାନ୍ତ ଜଣକ ପୁରୁଷ। ରାଜଧାନୀ ଭୁବନେଶ୍ୱରର ବୋଲି ଜଣାପଡିଥିଲା ।ନିକଟରେ ସେ ଦିଲ୍ଲୀରୁ ଫେରିଥିଲେ । କରୋନା ପଜିଟିଭ ହେବା ପରେ ସେ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ ।

## ୬୯ ଟଙ୍କା ବଢ଼ିଲା ଧାନ ଏମଏସପି

ନୂଆଦିଲ୍ଲୀ, ୨୮।୫(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ୨୦୨୫-୨୬ ବିପଣନ ଋତୁ ପାଇଁ ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧିକୁ ମଞ୍ଜୁରି ଦେଇଛନ୍ତି। ବିଶେଷକରି ଚାଷୀମାନଙ୍କ ଲାଭ ସରକାର ଅନେକ ଫସଲର ଏମଏସପି ବୃଦ୍ଧି କରିଛନ୍ତି। ୨୦୨୫-୨୬ ଖରିଫ ଋତୁ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) କୁ ୬୯ ଟଙ୍କା ବୃଦ୍ଧି କରି ୨,୩୬୯ ଟଙ୍କା କରିବାକୁ ମଞ୍ଜୁରୀ ଦେଇଛନ୍ତି। ଏଥିପାଇଁ ସରକାର ୨ ଲକ୍ଷ ୭ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଏହା ଛଡ଼ା ଜଓ୍ୱାର, ବାଜରା, ମକା, ମାଣ୍ଡିଆ। ଆଦିର ଏମଏସପି ବୃଦ୍ଧି କରାଯାଇଛି । ସେହିପରି ହରଡ଼, ମୁଗ, ବିରି ଆଦି ଡାଲିଜାତୀୟ ଫସଲ, ସୂର୍ଯ୍ୟମୁଖୀ, ବାଦାମ, ରାଶି ଓ ସୋୟାବିନ ଆଦି ତୈଳବୀଜ ଓ କପାର ଏମଏସପି ବୃଦ୍ଧି କରାଯାଇଛି।

କ୍ୟାବିନେଟ ନିଷ୍ପତ୍ତି ସଂମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, କୃଷକମାନଙ୍କ ପାଇଁ କେତେକ ବଡ଼ ନିଷ୍ପତ୍ତି ନିଆଯାଇଛି। ଏଥର ୨୦୨୫-୨୬ ଖରିଫ ଋତୁ ପାଇଁ ଏମଏସପିକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏଥିପାଇଁ ସରକାର ୨ ଲକ୍ଷ ୭ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ବିପଣନ ଋତୁ ୨୦୨୫-୨୬ ପାଇଁ ଖରିଫ ଫସଲର ଏମଏସପିକୁ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି, ଯାହାଦ୍ୱାରା କୃଷକମାନଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଉଚିତ ଲାଭକାରୀ ମୂଲ୍ୟ ପ୍ରଦାନ ସୁନିଶ୍ଚିତ କରାଯାଇପାରିବ। ବିଗତ ବର୍ଷ ତୁଳନାରେ ନାଇଜର ସିଡ ବା କଳା ରାଶି ଉପରେ (କ୍ୱିଣ୍ଟାଲ ପିଛା ୮୨୦ ଟଙ୍କା) ସର୍ବାଧିକ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ।ଏହା ପଛକୁ ମାଣ୍ଡିଆ। (କ୍ୱିଣ୍ଟାଲ ପିଛା ୫୯୬ ଟଙ୍କା), କପା (କ୍ୱିଣ୍ଟାଲ ପିଛା ୫୮୯ ଟଙ୍କା) ଏବଂ ରାଶି (କ୍ୱିଣ୍ଟାଲ ପିଛା ୫୭୯ ଟଙ୍କା) ପାଇଁ ସବୁଠୁ ଅଧିକ ଏମଏସପି ସୁପାରିସ କରାଯାଇଛି ।କୃଷକମାନଙ୍କ ପାଇଁ କେତେକ ବଡ଼ ନିଷ୍ପତ୍ତି ନିଆଯାଇଛି। ଗତ ୧୦-୧୧ ବର୍ଷ ମଧ୍ୟରେ ଖରିଫ ଫସଲ ପାଇଁ ଏମଏସପି ରେ ଏକ ବଡ଼ ବୃଦ୍ଧି କରାଯାଇଛି। ଏଥର ୨୦୨୫-୨୬ ଖରିଫ ଋତୁ ପାଇଁ ଏମଏସପିକୁ କ୍ୟାବିନେଟ୍ ଅନୁମୋଦନ କରିଛି। ମୋଟ ବ୍ୟୟ ପରିମାଣ ପ୍ରାୟ ୨,୦୭,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପ୍ରତ୍ୟେକ ଫସଲ ପାଇଁ ଖର୍ଚ୍ଚ ସହିତ ୫୦ ପ୍ରତିଶତ ହିସାବରେ ନିଆଯାଇଛି। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଚାଷୀଙ୍କ ପାଇଁ ସୁଧ ଛାଡ ବଜାୟ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ଅତିରିକ୍ତ ୧୫ ହଜାର ୬୪୨ କୋଟି ଟଙ୍କା ବ୍ୟୟ ହେବ। ସେ କହିଛନ୍ତି, କିଷାନ କ୍ରେଡିଟ୍ କାର୍ଡ (କେସିସି) ଉପରେ ୪ ପ୍ରତିଶତ ସୁଧରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି।

## ଭିଜିଲାନ୍ସ ଜାଲରେ ଆରଆଇ

**ଭୁବନେଶ୍ୱର, ୨୮।୫ (ମହାଭାରତ) :** ଓଡ଼ିଶା ଭିଜିଲାନ୍ସ ଅଧିକାରୀମାନେ ବୁଧବାର ଦିନ ଢେଙ୍କାନାଳର ହିନ୍ଦୋଳ ତହସିଲର ଗଣ୍ଡାନାଳୀ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ଶଶି ଭୂଷଣ ବେହେରାଙ୍କୁ ୬୦,୦୦୦ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛନ୍ତି। ଭିଜିଲାନ୍ସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସେ ଚାରୋଟି ମ୍ୟୁଟେସନ୍ ମାମଲାରେ ଆବେଦନ ପ୍ରକ୍ରିୟାକରଣ ଏବଂ ତତ୍ ଜନିତ ରିପୋର୍ଟ ପ୍ରଦାନ କରିବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ଦାବି କରିଥିଲେ। ଏପରିକି ପ୍ରତ୍ୟେକ ମାମଲା ପାଇଁ ୧୫,୦୦୦ ଟଙ୍କା ଲାଞ୍ଚ ମଧ୍ୟ ଦାବି କରିଥିଲେ। ତେବେ ଆରଆଇଙ୍କ ପକ୍ଷରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ବିଷ୍ଣୁ ବଲ୍ଲଭ ଖଟୁଆ। ନାମକ ତାଙ୍କର ଜଣେ ସହଯୋଗୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ସମସ୍ତ ଲାଞ୍ଚ ଟଙ୍କା ସେମାନଙ୍କଠାରୁ ଜବତ କରାଯାଇଛି। ତେବେ ଆରଆଇଙ୍କ ସହିତ ଜଡିତ ତିନୋଟି ସ୍ଥାନରେ ଏକକାଳୀନ ତଲାସ କରାଯାଇଥିଲା।

# ଓଡ଼ିଶାକୁ ଛୁଇଁଲା ମୌସୁମୀ

ଭୁବନେଶ୍ୱର, ୨୮।୫(ମହାଭାରତ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବୁଧବାର ଓଡ଼ିଶାରେ ପହଞ୍ଚିଛି, ଯାହା ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ୧୪ ଦିନ ଆଗରୁ ହୋଇଛି। ସାଧାରଣତଃ ଓଡ଼ିଶାରେ ମୌସୁମୀ ଜୁନ ୧୨ ଆଖପାଖରେ ପହଞ୍ଚିଥାଏ। ୧୬ ବର୍ଷରେ ମେ' ମାସରେ ଓଡ଼ିଶାରେ ପ୍ରବେଶ କରିଛି ମୌସୁମୀ।

ଆଜି ମୌସୁମୀ ଓଡ଼ିଶାକୁ ଛୁଇଁଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗର ସୂଚନା ଅନୁସାରେ, ଚଳିତ ବର୍ଷ ମେ ୨୪ ତାରିଖରେ କେରଳ ଛୁଇଁଥିବା ମୌସୁମୀ ବେଶ ସକ୍ରିୟ ଭାବେ ଆଗକୁ ବଢ଼ି ଚାଲିଛି। କେରଳରେ ମୌସୁମୀ ଶୀଘ୍ର ପ୍ରବେଶ କରିଥିବାରୁ ଏବେ ଦେଶର ବିଭିନ୍ନ ପ୍ରାନ୍ତକୁ ମଧ୍ୟ ଏହା ଧାର୍ଯ୍ୟ ସମୟପୂର୍ବରୁ ସ୍ପର୍ଶ କରିବାରେ ଲାଗିଛି। ଏହିକ୍ରମରେ ଆଜି ମୌସୁମୀ ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳରେ ପ୍ରବେଶ କରିଛି। ଆଜି ମୌସୁମୀ ଦକ୍ଷିଣ ଓଡ଼ିଶାକୁ ଛୁଇଁ ଥିବା ବେଳେ ଆଗାମୀ ୨ରୁ ୩ ଦିନରେ ପୂରା ଓଡ଼ିଶାରେ ଏହା ସକ୍ରିୟ ହେବ। ଏଥିପାଇଁ ପାଗ ସଂପୂର୍ଣ୍ଣ ଭାବେ ଅନୁକୂଳ ରହିଛି। ଓଡ଼ିଶାରେ



ମୌସୁମୀ ପ୍ରବେଶ କରିଥିବାରୁ ଧୀରେଧୀରେ ବର୍ଷାର ପରିମାଣ ମଧ୍ୟ ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।ସାଧାରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ଜୁନ ଦ୍ୱିତୀୟ ସପ୍ତାହ ବେଳକୁ ଓଡ଼ିଶାରେ ପ୍ରବେଶ କରିଥାଏ। ଏବର୍ଷ କିନ୍ତୁ ମୌସୁମୀ ଆଗୁଆ ଅଗ୍ରସର ହେବା ସହ ମେ ମାସରେ ଓଡ଼ିଶାକୁ

ଛୁଇଁଛି ।ଆଇଏମଡି ପୂର୍ବରୁ କହି ସାରିଛି ଯେ ଜୁନ ମାସରେ ରାଜ୍ୟରେ ୧୦୬ ପ୍ରତିଶତ ଅର୍ଥାତ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ।

ଆଇଏମଡି କହିଛି ଯେ ଦକ୍ଷିଣ ପଶ୍ଚିମ ମୌସୁମୀ ଏବେ ଓଡ଼ିଶାର ମାଲକାନାଗିରି ଓ କୋରାପୁଟକୁ ସଂପୂର୍ଣ୍ଣ ଭାବେ ପ୍ରବେଶ କରି ସାରିଛି। ଏହାବାଦ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଓ ଗଜପତି ଜିଲ୍ଲାର କିଛି ଅଂଶକୁ ମଧ୍ୟ ସ୍ପର୍ଶ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ ନିଜର ଏକ୍ସ ପୋଷ୍ଟ ଜରିଆରେ ଓଡ଼ିଶାକୁ ମୌସୁମୀ ଆସି ସାରିଥିବା ଖବରକୁ ନିଶ୍ଚିତ କରିଛନ୍ତି ।ଓଡ଼ିଶାକୁ ମୌସୁମୀ ମେ ମାସରେ ପ୍ରବେଶ କରିବା ଗୋଟିଏ ବିରଳ ଘଟଣା। ଏହାପୂର୍ବରୁ ୧୯୯୯ ମସିହା ମେ ୨୮ ଓ ୨୦୦୯ ମସିହା ମେ ୨୫ରେ ମୌସୁମୀ ଓଡ଼ିଶାକୁ ଛୁଇଁଥିଲା। ଦୀର୍ଘ ୧୬ ବର୍ଷ ପରେ ମୌସୁମୀ ପୁଣି ଓଡ଼ିଶାକୁ ମେ ମାସରେ ପ୍ରବେଶ କରିଛି ।

ଗୋଟିଏ ପଟେ ବଙ୍ଗୋପସାଗରରେ ସ୍ପଷ୍ଟ ଲଘୁଚାପ ବଳ ଗୋଟାଉ ଥିବା ବେଳେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିଥିବାରୁ ରାଜ୍ୟରେ ଭଲ ବର୍ଷା ହେବ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ଲଘୁଚାପ ସମ୍ପର୍କରେ ଆଇଏମଡି କହିଛି ଯେ ଓଡ଼ିଶା ଉପକୂଳ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଉପରେ ଥିବା ଲଘୁଚାପ ଘନୀଭୂତ ହେବାରେ ଲାଗିଛି।

## ଆଜି ୪ ରାଜ୍ୟରେ ମକ୍‌ଡ୍ରିଲ୍

ନୂଆଦିଲ୍ଲୀ, ୨୮।୫:ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଭାରତ ସରକାର ବୁଧବାର ପାକିସ୍ତାନ ସହ ସୀମାନ୍ତ ରାଜ୍ୟ ଗୁଜରାଟ, ପଞ୍ଜାବ, ରାଜସ୍ଥାନ ଏବଂ ଜମ୍ମୁ ଓ କଶ୍ମୀରରେ ଏକ ବଡ଼ ଧରଣର ସିଭିଲ ଡିଫେନ୍ସ ମକ ଡ୍ରିଲ ଘୋଷଣା କରିଛନ୍ତି। ଏହି ମକ ଡ୍ରିଲ ଗୁରୁବାର ସଂଧ୍ୟାରେ ଅନୁଷ୍ଠିତ ହେବ, ଯାହା ନାଗରିକମାନଙ୍କର ପ୍ରସ୍ତୁତି ଏବଂ ଜରୁରୀକାଳୀନ ପରିସ୍ଥିତିରେ ପ୍ରତିକ୍ରିୟା କ୍ଷମତାକୁ ପରୀକ୍ଷା କରିବ। ଏହି ଅଭ୍ୟାସ ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଦ୍ୱାରା ଆରମ୍ଭ କରାଯାଇଥିବା ଅପରେସନ ସିନ୍ଦୁର ପରେ ଆୟୋଜିତ ହେଉଛି, ଯେଉଁଥିରେ ୨୬ ଜଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି ।ଗୃହ ମନ୍ତ୍ରଣାଳୟ ନାଗରିକମାନଙ୍କୁ ଏହି ଅଭ୍ୟାସ ସମୟରେ ଶାନ୍ତ ରହିବାକୁ ଏବଂ ସ୍ଥାନୀୟ ପ୍ରଶାସନର ନିର୍ଦ୍ଦେଶ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି।

# ଶିଳ୍ପ ସହରକୁ ନଗର ବନରେ ପରିଣତ କରିବାକୁ ଧର୍ମେନ୍ଦ୍ରଙ୍କ ପ୍ରସ୍ତାବ

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୮।୫(ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ "ନଗର ବନ ଯୋଜନା"(ଏନଭିୱାଇ) ଅଧୀନରେ ଶିଳ୍ପାଞ୍ଚଳ ସମ୍ବଲପୁର-ଝାରସୁଗୁଡ଼ା-ବ୍ରଜରାଜନଗର ଏବଂ କୋଇଲା ଖଣି ଅଞ୍ଚଳ ଅନୁଗୋଳ—ଢେଙ୍କାନାଳ ତଥା ଗ୍ରୀଷ୍ମ ପ୍ରଭାବିତ ଅଞ୍ଚଳ ଟିଟିଲାଗଡ଼ ଓ ବଲାଙ୍ଗୀରକୁ ନଗର ବନରେ ବିକଶିତ କରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଏହାସହ ସମ୍ବଲପୁର ଚିଡ଼ିଆଖାନାର ସମ୍ପ୍ରସାରଣ ସହ ଦେବ୍ରିଗଡ଼ ଅଭୟାରଣ୍ୟକୁ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳରେ ଅନ୍ତର୍ଭୁକ୍ତ କରିବା ପାଇଁ ବିକଶିତ କରିବାକୁ ତାଙ୍କର ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି କେନ୍ଦ୍ରମନ୍ତ୍ରୀ ।

ଶ୍ରୀ ପ୍ରଧାନ ଏ ସମ୍ପର୍କୀତ ଦୁଇଟି ପୃଥକ ପତ୍ର ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି, ଯେଉଁଥିରେ ଉଲ୍ଲେଖ ରହିଛି ଯେ ସମ୍ବଲପୁର - ଝାରସୁଗୁଡ଼ା-ବ୍ରଜରାଜନଗର ଏବଂ ଅନୁଗୋଳ - ଢେଙ୍କାନାଳ ଏବଂ ଟିଟିଲାଗଡ଼ ଓ ବଲାଙ୍ଗୀର ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନରୁ ପ୍ରବଳ ଗରମ ହେଉଛି। ଫଳସ୍ୱରୂପ ଏହା ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ପୌର ନିଗମ, ପୌର ପରିଷଦ, ପୌରପାଳିକା



କିମ୍ବା ସହରାଞ୍ଚଳ ସଂସ୍ଥା (ୟୁଏଲବି) ଦ୍ୱାରା ପରିଚାଳିତ ଅଞ୍ଚଳରେ ସହରାଞ୍ଚଳ ଜଙ୍ଗଲ ବିକାଶ ପାଇଁ ନଗର ବନ ଯୋଜନା ଆରମ୍ଭ ହୋଇଛି, ଯାହା ପ୍ରଶଂସନୀୟ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାରଙ୍କ 'ଗୋଟିଏ ପୃଥିବୀ, ଅନେକ ପ୍ରୟାସ' ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ସହରାଞ୍ଚଳ ସମୂହରେ ନଗର ବନ ପ୍ରତିଷ୍ଠା ପରିବେଶ ଗତ ସ୍ଥିରତା ଏବଂ ସାମୁଦାୟିକ କଲ୍ୟାଣ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ। 'ପରିବେଶ ପାଇଁ ଜୀବନଶୈଳୀ' ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ଅପିଲ ଆମ ଗ୍ରହକୁ ସଂରକ୍ଷଣ କରିବାରେ ବ୍ୟକ୍ତିଗତ ଏବଂ ସାମୂହିକ କାର୍ଯ୍ୟର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବାକୁ ଚେଷ୍ଟା କରୁଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୫ ଜୁନ୍ ୨୦୨୫ ବିଶ୍ୱ ପରିବେଶ ଦିବସର ପୂର୍ବ ଦିନ ବୃକ୍ଷରୋପଣ ଏବଂ ପରିବେଶ ଶିକ୍ଷାରେ ସମ୍ପ୍ରଦାୟର ଅଧିକ ଯୋଗଦାନ ପାଇଁ ଏକ ବିଶାଳ ସଚେତନତା ଅଭିଯାନ ଆରମ୍ଭ କରିବାକୁ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି।

ଏହି ପଦକ୍ଷେପ ଉପରୋକ୍ତ ସମ୍ବଲପୁର - ଝାରସୁଗୁଡ଼ା-ବ୍ରଜରାଜନଗର ଏବଂ ଅନୁଗୋଳ - ଢେଙ୍କାନାଳ ଏବଂ ଟିଟିଲାଗଡ଼ ଓ ବଲାଙ୍ଗୀର ଅଞ୍ଚଳରେ ନଗର ବନ ଯୋଜନାର ବ୍ୟାପକ କାର୍ଯ୍ୟାନ୍ୱୟନ ପାଇଁ ଏକ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ । ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ପାଇଁ ବୃକ୍ଷରୋପଣ ଅଭିଯାନ ମାଧ୍ୟମରେ ଓଡ଼ିଶାର ଗରମ ପ୍ରଭାବିତ ଅଞ୍ଚଳରେ ବଢୁଥିବା ତାପ ଲହରର ଏକ ସ୍ଥାୟୀ ପ୍ରକୃତିଭିତ୍ତିକ ସମାଧାନ ଖୋଜିବା ପାଇଁ ଉପରୋକ୍ତ କ୍ଲଷ୍ଟରଗୁଡ଼ିକରେ ନଗର ବନ ପ୍ରତିଷ୍ଠା ପାଇଁ ସେ ବିଭାଗୀୟ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

## ଛେନା ଷ୍ଟିମ ମିଠା

ସାମଗ୍ରୀ : କ୍ଷୀର , ଚିନି ଗୁଣ୍ଡ, ଲେମ୍ବୁ ରସ , ଗୋଟେ ଛୋଟ ଚାମୁଚ ଗୁଜୁରାଟି ଗୁଣ୍ଡ, ଆବଶ୍ୟକୀୟ ଅନୁଯାୟୀ କେସର ।

ପ୍ରଥମେ କ୍ଷୀରକୁ ଭଲ ଭାବେ ଫୁଟାନ୍ତୁ । ଫୁଟିଗଲା ପରେ ଛେନା ଛିଡ଼ାଇବା ପାଇଁ କ୍ଷୀରରେ ଲେମ୍ବୁରସ ପକାନ୍ତୁ। ଏହାକୁ ଭଲ ଭାବେ ଗୋଳାନ୍ତୁ । କ୍ଷୀର ଭଲ ଭାବେ ଛିଡ଼ିଗଲା ପରେ ଏବଂ ଛେନା ପ୍ରସ୍ତୁତ ହୋଇଗଲା ପରେ ଏହାକୁ ଗ୍ୟାସ ରୁ ଓହ୍ଲାଇ ଦିଅନ୍ତୁ। ଏହାପରେ ଛେନାକୁ ଏକ କଟନ କପଡ଼ା ଦେଇ ଛେନାକୁ ଭଲ ଭାବେ ଛାଣି ଦିଅନ୍ତୁ। କପଡ଼ା ଦେଇ ଛେନାକୁ ଥଣ୍ଡା ପାଣିରେ ଦୁଇ ତିନି ଥର ଧୋଇ ଦିଅନ୍ତୁ। ବର୍ତମାନ ଏହି ଛେନାକୁ ଭଲ ଭାବରେ ଗ୍ରାଇଣ୍ଡିଂ କରି ନିଅନ୍ତୁ। ଯେପରି ଖଦଡ଼ା ଅଂଶ ନ ରୁଏ। ଏଥିରେ କିଛି ଚିନି ଏବଂ କ୍ଷୀର ମିଶାନ୍ତୁ। ପୁଣି ଥରେ ଗ୍ରାଇଣ୍ଡିଂ କରନ୍ତୁ। ତା ପରେ ଗୁଜୁରାତି ଗୁଣ୍ଡ ଦେଇ ଏହି ମିଶ୍ରଣକୁ ଗୋଳାନ୍ତୁ। ବର୍ତମାନ ଷ୍ଟିମ ପ୍ରସ୍ତୁତ କରିବା ପାଇଁ ଏକ ପାତ୍ର ନିଅନ୍ତୁ। ଯେଉଁଥିରେ ଏହି ମିଶ୍ରଣକୁ ରଖିତୁ ଏବଂ ତା ଉପରେ କେଶର ପକାନ୍ତୁ। ତା ପରେ ଏହିାକୁ ଷ୍ଟିମ ଦିଅନ୍ତୁ। ୨୫ ରୁ ୩୦ ମିନିଟ ସିଝିବା ପାଇଁ ଛାଡ଼ି ଦିଅନ୍ତୁ। ଭଲ ଭାବରେ ସିଝି ଗଲା ପରେ ଏହାକୁ ଅଧଘଂଣ୍ଟା ଥଣ୍ଡା କରିବା ପାଇଁ ଫ୍ରିଜ ରେ ରଖନ୍ତୁ। ପୁରା ଥଣ୍ଡା ହେଲା ପରେ ତାକୁ ଛୁରୀରେ କାଟନ୍ତୁ।



ଖବର

## ଦର୍ଶକଙ୍କୁ ଆକର୍ଷିତ କରୁଛି ଜୀ ସାର୍ଥକରେ 'ରଜ କୁଇନ୍ ୨୦୨୫' ଗାଲା ରାଉଣ୍ଡ



ଓଡିଶାର ୧ ନମ୍ବର ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକ ସବୁବେଳେ ଲୋକଙ୍କ ପସନ୍ଦ ଓ ଓଡିଆ ପର୍ବ ସମୂହକୁ ଗୁରୁତ୍ୱ ଦେଇ ଆସୁଛି। ସେହିପରି ରଜ ପୂର୍ବରୁ ଜୀ ସାର୍ଥକରେ ପ୍ରସାରିତ ଓଡ଼ିଶାର ସବୁଠାରୁ ଲୋକପ୍ରିୟ ରିୟାଲିଟି ସୋ 'ରଜ କୁଇନ୍ ୨୦୨୫', ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଭେଟି ଦେଇଛି। ବିଗତ ୧୩ ବର୍ଷ ଧରି ଏହି ସୋ ଓଡିଶାର ୧ ନମ୍ବର ରିଆଲିଟି ସୋ ଭାବରେ ପରିଚିତ। ଯେଉଁଥିପାଇଁ ଜୀ ସାର୍ଥକ ପାଇଛି ଅଗଣିତ ଅଶେଷ ଭଲପାଇବା ।ଏହି ସୋ ଇଣ୍ଡଷ୍ଟ୍ରିକୁ ଅନେକ ବଛା ବଛା ଅଭିନେତ୍ରୀ ବିଗତ ଦିନରେ ଦେଇ ସାରିଛି। ପ୍ରତିବର୍ଷ ପରି ଅନେକ ଆଶାୟୀ ପ୍ରାର୍ଥୀ ଏହି ସୋରେ ଭାଗ ନେଇ ଅଡିସନ ରାଉଣ୍ଡରୁ ଆଗକୁ ଆସି ଗାଲା ରାଉଣ୍ଡରେ ପହଂଚିଛନ୍ତି ।ତେବେ ଚଳିତ ବର୍ଷ 'ରଜ କୁଇନ୍'ର ଗାଲା ରାଉଣ୍ଡରେ ପ୍ରତିଯୋଗୀମାନେ ସମ୍ପୂର୍ଣ୍ଣ ଭାବେ ଏକ ଭିନ୍ନ ଓ ଆକର୍ଷଣୀୟ ପର୍ଯ୍ୟାୟ ମାଧ୍ୟମରେ ଆଗକୁ ବଢିବେ। ସବୁ ପର୍ଯ୍ୟାୟରେ ନିଜର ଚତୁରତା, ବୁଦ୍ଧିମତା ଓ କୌଶଳର ପରିଚୟ ଦେଖାଇ ପ୍ରତିଯୋଗୀ ମାନେ ଜଜ୍ ମାନଙ୍କୁ ଆକର୍ଷିତ କରିବା ସହ ଗ୍ରାଣ୍ଡ ଫିନାଲେ ପର୍ଯ୍ୟାୟକୁ ଉତୀର୍ଣ୍ଣ ହେବେ ।ପ୍ରତିଯୋଗୀ ମାନେ ଏକ ଐତିହ୍ୟ ଯାତ୍ରାରେ ଓଡ଼ିଶାର ବିଭିନ୍ନ ଐତିହ୍ୟ ସ୍ଥଳୀ ପରିଦର୍ଶନ କରିବା ସହ ନିଜର ସାହସିକ କୌଶଳ ମାଧ୍ୟମରେ ଓ ପଥପ୍ରାନ୍ତ ନାଟକ ଦ୍ୱାରା ଆଗ ପର୍ଯ୍ୟାୟକୁ ବଢିବେ। ଦର୍ଶକମାନେ ସବୁ ରାଉଣ୍ଡରେ ଭରପୁର ମନୋରଞ୍ଜନ ପାଇବା ସହ ନିଜ ନିଜ ପସନ୍ଦିତ ପ୍ରତିଯୋଗୀ ମାନଙ୍କୁ ସମର୍ଥନ ଦେବା ପାଇଁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ଶ୍ରୀ ପ୍ରତୀକ ସିଲ ।ମେଣ୍ଟର ଭାବରେ ଓଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରତିଷ୍ଠିତ ହିରୋଇନ ଦିବ୍ୟା, ସୁର୍ଯ୍ୟମୟୀ, ଅନୀଷା ଓ ଅନୁଭା ବାଛି ସାରିଛନ୍ତି ତାଙ୍କର ନିଜର ନିଜର ଟିମ୍ । ଗାଲାରାଉଣ୍ଡରେ ପ୍ରତିଯୋଗିତା ଆହୁରି ଦମଦାର ହେବ କାରଣ ପ୍ରତିଯୋଗୀମାନେ ନିଜ ମେ□ରଙ୍କ ସହାୟତାରେ ନିଜର ବେଷ୍ଟ ଦେବା ପାଇଁ ସମସ୍ତ ଚେଷ୍ଟା କରିବେ। ଚଳିତ ବର୍ଷ ଜଜ୍ ଭାବରେ ନଜର ଆସିଛନ୍ତି ଆମ ସମସ୍ତଙ୍କ ପ୍ରିୟ ଲିପି ମହାପାତ୍ର, ଶ୍ରୀତମ ଦାସ ଓ ଦେବାଶିଷ ପାତ୍ରୟ ଏଥର ଦେଖିବାର ଅଛି, ସେମାନେ କାହାର ପରଫରମାନ୍ସ ଆକର୍ଷିତ ହୋଇ କାହାକୁ ଗ୍ରାଣ୍ଡ ଫିନାଲେ ପର୍ଯ୍ୟାୟକୁ ଉତୀର୍ଣ୍ଣ କରିବେ ।ପ୍ରତି ଶନିବାର ଓ ରବିବାର ରାତି ୯.୩୦ ମିନିଟରେ କେବଳ ଜୀ ସାର୍ଥକରେ ପ୍ରସାରିତ 'ରଜ କୁଇନ୍' ଏବର୍ଷ କିଛି ଅଲଗା ହେବା ସହ ସବୁ ଏପିସୋଡ ହେବ ଅନନ୍ୟ । ତେବେ କିଏ ହେବ ଚଳିତ ସିଜନର ରଜ କୁଇନ୍ ? ଜାଣିବାକୁ ଦେଖନ୍ତୁ ଓଡ଼ିଶାର ସବୁଠାରୁ ଲୋକପ୍ରିୟ ରିୟାଲିଟି ସୋ 'ରଜ କୁଇନ୍ ୨୦୨୫'।

## କେମିତି ହେବ ସୁନିଦ୍ରା



ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ଦୈନିକ ରାତିରେ ୬ରୁ ୮ ଘଣ୍ଟା ଶୋଇବା ଉଚିତ। ନିଦ ଭଲ ନହେଲେ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ଉଭୟ ପ୍ରଭାବିତ ହୁଏ। କିପରି ହେବ ସୁନିଦ୍ରା ସେ ସଂପର୍କରେ କିଛି...

(୧) ପ୍ରତି ସକାଳେ ବ୍ୟାୟାମ କରନ୍ତୁ। ରାତିରେ ସହଜରେ ନିଦ ଆସିବ।

(୨) ଠିକ୍ ସମୟରେ ଖାଦ୍ୟ ସେବନ ଦ୍ୱାରା ମଧ ରାତିରେ ଭଲ ନିଦ ହୁଏ।

(୩) ଉପଯୁକ୍ତ ମାତ୍ରାରେ ପାଣି ପିଅନ୍ତୁ। ରୋଟି, ଦହି ଏବଂ ଫଳ ଏହା ଉତ୍ତମ ଜଳ ପାନର ଏକ ଉଦାହରଣ।


(୪) ଦ୍ୱି'ପ୍ରହରରେ ହାଲକା ଭୋଜନ କରନ୍ତୁ। କିଛି ଭାତ, ରୁଟି ସାଙ୍ଗକୁ କିଛି ପ୍ରୋଟିନ ଯଥା ମାଛ, ଅଣ୍ଡା, ଚିକେନ, ମାଂସ କିମ୍ବା ବିନ୍ସ ଅଳ୍ପ ପରିମାଣରେ ଖାଆନ୍ତୁ।

(୫) ରାତିରେ ଅଳ୍ପ ଖାଆନ୍ତୁ। ଗରିଷ୍ଠ ଏବଂ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।

(୬) ରାତିରେ ଶେଜକୁ ଯିବାର ଅତିକମରେ ତିନି ଘଣ୍ଟା ପୂର୍ବରୁ ହାଲକା ଖାଦ୍ୟ ଖାଆନ୍ତୁ।

(୭) କଫିନ, ମଦ, ବିଶେଷ କରି ସନ୍ଧ୍ୟାବେଳେ ଏସବୁ ଆଦୌ ସେବନ କରନ୍ତୁ ନାହିଁ।

## ରାମଙ୍କ ଆଦର୍ଶ ଅନୁକରଣୀୟ



ସମସ୍ତ ପୌରାଣିକ ଆଖ୍ୟାନରେ ଭଗବାନ ଶ୍ରୀରାମଙ୍କୁ ଏକ ଆଦର୍ଶ ପୁତ୍ର ଭାବେ ଦର୍ଶାଯାଇଛି । ମାତା କୈକେୟୀଙ୍କୁ ପିତା ଦଶରଥ ଦେଇଥିବା ସତ୍ୟବଚନକୁ ପାଳନ କରିବାକୁ ଯାଇ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସକୁ ସହର୍ଷ ସ୍ୱୀକାର କରିଥିଲେ । ତାଙ୍କ ମନରେ ମାତା କୈକେୟୀଙ୍କ ପ୍ରତି ରାମଚନ୍ଦ୍ରଙ୍କ ମନରେ ତିଳେ ମାତ୍ର ଦ୍ୱେଷ ନଥିଲା । ରାମଙ୍କ ମନୋଭାବକୁ ଦର୍ଶାଇବାକୁ ଯାଇ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମଚରିତ ମାନସରେ ଲେଖିଛନ୍ତି "ସୁନ୍ ଜନନୀ ସୋଇ ସୁତ୍ ବଡ଼ ଭାଗୀ, ଜୋ ପିତୁମାତୁ ବଚନ ଅନୁରାଗୀ", ଅର୍ଥାତ୍ ମାତାପିତାଙ୍କ ବଚନ ପାଳନ କରିବା ପୁତ୍ର ପାଇଁ ବଡ଼ ଭାଗ୍ୟର କଥା ହୋଇଥାଏ । ବନବାସ ଯିବା ସମୟରେ ଭରତ ଅଯୋଧ୍ୟାରେ ନଥିଲେ । ମାମୁଘରୁ ଫେରି ରାମଚନ୍ଦ୍ର ବନବାସ ଯିବା ଖବର ଯେତେବେଳେ ଭରତ ଶୁଣିଲେ, ତାଙ୍କ ମନ ଦୁଃଖ ହୋଇଥିଲା । ସେ ରାମଚନ୍ଦ୍ରଙ୍କୁ ଫେରାଇ ଆଣିବାକୁ ଗଲେ, କିନ୍ତୁ ରାମଚନ୍ଦ୍ର ସତ୍ୟପାଳନ ନକରିବା ପୂର୍ବରୁ ଘରକୁ ଫେରିବା ଲାଗି ରାଜି ହେଲେ ନାହିଁ । ଏହି ସମୟରେ ମାତାପିତାଙ୍କ ଯତ୍ନ ନେବା ଲାଗି ରାମଚନ୍ଦ୍ର ଅନୁଜ ଭରତଙ୍କୁ କହିଥିଲେ । ବର୍ତ୍ତମାନ ସମୟରେ ମାତାପିତାଙ୍କ ଯତ୍ନ ନେବା ତ' ଦୂରର କଥା ମାତାପିତାଙ୍କ ସହ ଯିବା ଲାଗି ପୁତ୍ରଙ୍କ ମନରେ କୁଣ୍ଠାଭାବ ଜାତ ହେଉଛି । ଏଭଳି ବ୍ୟକ୍ତିବିଶେଷଙ୍କ ପାଇଁ ରାମଙ୍କ ଆଦର୍ଶ ଅନୁକରଣୀୟ । କେବଳ ଜଣେ ଆଦର୍ଶ ପୁତ୍ର ନୁହନ୍ତି, ରାମଚନ୍ଦ୍ର ଥିଲେ ଆଦର୍ଶ ଭ୍ରାତା, ଆଦର୍ଶ ଶିଷ୍ୟ, ଆଦର୍ଶ ଶାସକ ତଥା ସମ୍ପୂର୍ଣ୍ଣ ଆଦର୍ଶ ପୁରୁଷ ।

## ଘରେ ଲଗାନ୍ତୁ ୭ଟି ଦୌଡୁଥିବା ଧଳା ଘୋଡାର ଫଟୋ, ମିଳିବ ସଫଳତା



ଅନେକ ଥର, ବହୁତ ପରିଶ୍ରମ କରିବା ପରେ ମଧ୍ୟ ସଠିକ୍ ଫଳ ମିଳିନଥାଏ। ଏହା ପଛର କାରଣ ଘରର ବାସ୍ତୁ ଦୋଷ ହୋଇଥାଏ। ଏହି କାରଣରୁ, ସଫଳତା ଏବଂ ପ୍ରଗତିର ପଥରେ ବାଧା ଆସିବା ସହିତ ଘରେ ଚିନ୍ତା ବୃଦ୍ଧି ପାଇବାରେ ଲାଗିଥାଏ। କିନ୍ତୁ ଆପଣ ଏହାକୁ ଅତି ସରଳ ଉପାୟରେ ଠିକ୍ କରିପାରିବେ। ବାସ୍ତୁ ଶାସ୍ତ୍ରରେ ୭ ଅଙ୍କ ବିଶିଷ୍ଟ ଧଳା ଘୋଡାମାନଙ୍କର ବିଶେଷ ଗୁରୁତ୍ୱ ରହିଛି। ତେଣୁ, ଘରେ ସାତ ଅଙ୍କ ବିଶିଷ୍ଟ ଧଳା ଘୋଡାର ଫଟୋ ଲଗାଇବା ଦ୍ୱାରା, ବାସ୍ତୁ ତ୍ରୁଟି ଦୁର ହେବା ସହିତ ଜୀବନର ଅନେକ ସମସ୍ୟାରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଜାଣିବା ଏହା ବିଷୟରେ ବିସ୍ତୃତ ଭାବରେ

**ବାସ୍ତୁରେ ୭ ଅଙ୍କର ମହତ୍ତ୍ୱ :** ବାସ୍ତୁ ଶାସ୍ତ୍ରରେ ୭ ଅଙ୍କକୁ ବହୁତ ଗୁରୁତ୍ୱ ଦିଆଯାଇଥାଏ । ଏହାକୁ ଶୁଭର ପ୍ରତୀକ ଏବଂ ଫଳପ୍ରଦ ଭାବରେ ବିବେଚନା କରାଯାଏ। ଏଥି ସହିତ, ୭ ର ସଂଖ୍ୟା ମଧ ସପ୍ତ ଋଷି, ଇନ୍ଦ୍ର ଧନୁର ସାତୋଟି ରଙ୍ଗ, ସାତ ଘେରା ବୁଲିବା ଇତ୍ୟାଦି ସହିତ ଜଡିତ। ତେଣୁ ଏହାକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ତେବେ



ଚାଲନ୍ତୁ ଜାଣିବା ସାତଟି ଧଳା ଘୋଡାର ଫଟୋ ରଖିବାର ଫାଇଦା

**ସଫଳତା ଏବଂ ପ୍ରଗତି ଆଣିଥାଏ :** ବାସ୍ତୁ ଅନୁଯାୟୀ, ଦୌଡୁଥିବା ଘୋଡା ସଫଳତା, ଗତି ଏବଂ ଶକ୍ତିର ପ୍ରତୀକ ହୋଇଥାଏ । ତେଣୁ ଏହାର ଫଟୋକୁ ଘରେ ଲଗାଇବା ଦ୍ୱାରା ପ୍ରଗତି ଏବଂ ସଫଳତାର ପଥ ଖୋଲିଥାଏ । ଆହୁରି ମଧ, ଘରେ ସୁଖ, ସମୃଦ୍ଧତା ଏବଂ ଶାନ୍ତିର ବାସ ହୋଇଥାଏ।

**କାର୍ଯ୍ୟ କ୍ଷେତ୍ରରେ ମିଳିବ ସଫଳତା :**

ଆପଣଙ୍କ କାର୍ଯ୍ୟ କ୍ଷେତ୍ରରେ ଦୌଡୁଥିବା ୭ ଟି ଧଳା ଘୋଡାର ଫଟୋ ରଖନ୍ତୁ । ଏହା ବ୍ୟବସାୟ ଅଭିବୃଦ୍ଧିରେ ସାହାଯ୍ୟ କରିବ। ଯଦି ଆପଣ ଘରେ କାମ କରୁଛନ୍ତି, ତେବେ ଏହି ଫଟୋକୁ ଘରର ପୂର୍ବ କାନ୍ଥରେ ଲଗାନ୍ତୁ। ଅଫିସ୍ ଏବଂ ଦୋକାନର ଦକ୍ଷିଣ ଦିଗରେ ଏହି ଫଟୋ ରଖନ୍ତୁ ।

**ଆର୍ଥିକ ସମସ୍ୟା ହେବ ଦୁର :**

ଘରେ ଏପରି ସ୍ଥାନରେ ଦୌଡୁଥିବା ୭ଟି ଘୋଡାର ଫଟୋ ଲଗାନ୍ତୁ ଯେପରି ଏହା ସମସ୍ତଙ୍କୁ ଦେଖାଯାଉଥିବ। ଏହା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହେବା ସହିତ ଘରେ ସୁଖ, ସମୃଦ୍ଧି ବୃଦ୍ଧି ହୋଇଥାଏ।

## ମହୌଷଧୀରୁ କମ୍ ନୁହେଁ ଜିରା ପାଣି

ଜିରା ଅଧିକାଂଶ ଭାରତୀୟ ପରିବାରରେ ଏକ ମସଲା ଭାବେ ବ୍ୟବହୃତ ହୋଇଥାଏ। ତେବେ ଜିରାର ଅନେକ ଔଷଧୀୟ ଗୁଣ ରହିଛି। ବିଶେଷ କରି ସକାଳେ ଖାଲିପେଟରେ ଜିରା ପାଣି ପିଇବା ଫଳରେ ତାହା ଶରୀରକୁ ଅନେକ ଫାଇଦା ପ୍ରଦାନ କରିଥାଏ। ଜିରାରେ ଆଣ୍ଟିଅକ୍ସିଡାଣ୍ଟ,



ଆଣ୍ଟିବ୍ୟାକଟେରିୟାଲ୍ ଓ ଆଣ୍ଟିଫଙ୍ଗଲ ଗୁଣ ରହିଛି। ଜିରା ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଏଥିସହ ଏହା ଗ୍ୟାସ୍, ଏସିଡିଟିରୁ ମୁକ୍ତି ଦେବାରେ ସହାୟତା ପ୍ରଦାନ କରିଥାଏ। ରାତିରେ ଗୋଟିଏ ଗ୍ଲାସ୍ ପାଣିରେ ଏକ ବଡ଼ ଚାମୁଚ ଜିରା ଭିଜାଇ ରଖନ୍ତୁ। ସକାଳେ ସେହି ପାଣିକୁ ଫୁଟାଇ ତାକୁ ପିଇ ପାରିବେ। ଆବଶ୍ୟକ ହେଲେ ସେଥିରେ ଲେମ୍ବୁରସ ମିଶାଇ ପାରିବେ। ଜିରା ପାଣି ପିଇବା ଫଳରେ ଓଜନ ହ୍ରାସ ହୋଇଥାଏ। ଖାଲିପେଟରେ ଜିରା ପାଣି ପିଇବା ଫଳରେ ମେଟାବୋଲିଜିମ୍ ବୃଦ୍ଧି ହୋଇଥାଏ। ଫଳରେ ଖାଦ୍ୟ ହଜମ ପ୍ରକ୍ରିୟାରେ ସୁଧାର ଆସିଥାଏ ଏବଂ ଖାଦ୍ୟରୁ ଜରୁରୀ ପୋଷକତତ୍ତ୍ୱ ଉପଯୁକ୍ତ ଭାବେ ଅବଶୋଷଣ ହୋଇଥାଏ। ଏଥିସହ ଶରୀରରେ ଜମା ହୋଇଥିବା ଚର୍ବି କମିଥାଏ। ମଧୁମେହ ରୋଗୀ ଖାଲିପେଟରେ ଜିରା ପାଣି ପିଇବା ଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରଣରେ ରହିଥାଏ। ଏହା ବ୍ୟତୀତ ଜିରା ପାଣି ପିଇବା ଫଳରେ ପାଚନତନ୍ତ୍ରର ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏୟ ସେହିପରି ଶରୀରରୁ କୋଲେଷ୍ଟୋରଲ୍ ହ୍ରାସ ନିମନ୍ତେ ଜିରା ପାଣି ବେଶ୍ ଉପଯୋଗୀ। ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ହୃଦଯନ୍ତ୍ରକୁ ସୁସ୍ଥ ରଖିବାରେ ଏହା ସହାୟକ ହୋଇଥାଏ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଭାତୀ



**ଭୁବନେଶ୍ୱର,୨୮।୫ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ନିମାପଡ଼ା ଗସ୍ତକରି ନାରୀଶକ୍ତିର ଜୀବନ ଗାଥା ଏବଂ ରାଜମାତାରୁ ଲୋକମାତା ସାଜିଥିବା ପୁଣ୍ୟଶ୍ଳୋକ ରାଣୀ ଅହିଲ୍ୟାବାଇ ହୋଲକରଙ୍କ ୩୦୦ତମ ଜୟନ୍ତୀ ଉପଲକ୍ଷେ ନିମାପଡ଼ା ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ କର୍ମଶାଳାରେ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ସମାଜ ପାଇଁ ଉଲ୍ଲେଖନୀୟ କାର୍ଯ୍ୟକରିଥିବା ଅନେକ ମହିଳାଙ୍କୁ ସମ୍ମାନିତ କରିଥିଲେ। ପ୍ରଜା ଈଶ୍ୱରଙ୍କ ରୂପ ଏବଂ ପ୍ରଜାଙ୍କ ସେବା ହିଁ ମୋ ପାଇଁ ଈଶ୍ୱର ପୂଜା ଭାବନା ରଖିଥିବା ରାଣୀ ଅହିଲ୍ୟାବାଇ ଆମ ପାଇଁ ପ୍ରେରଣାର ଉତ୍ସ ଏବଂ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ଜନତାଙ୍କ ସେବାରେ ବ୍ରତୀ ହେବା ହିଁ ଆମର କର୍ତ୍ତବ୍ୟ ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ସମଗ୍ରଶିକ୍ଷା ଯୋଜନାରେ ନିମାପଡା ପଞ୍ଚାୟତ ସମିତି ଅଧିନସ୍ଥ ତେରୁଣ୍ଡିଆ ଗ୍ରାମ ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଧୀରପୁର ଠାରେ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଅତିରିକ୍ତ ଶ୍ରେଣୀଗୃହ ଏବଂ ନିମାପଡ଼ା ବ୍ଲକ ଅଧିନସ୍ଥ ଅରିକ୍ଷଣ୍ଡ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଅରିକ୍ଷଣ୍ଡ ଠାରେ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଅତିରିକ୍ତ ଶ୍ରେଣୀଗୃହ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ଆଶ୍ରମ ଛକ ବ୍ରିଜ ନିକଟରେ ଦୀର୍ଘ ଦିନରୁ ଦାବି ରହି ଆସୁଥିବା ସହରର ମୁଖ୍ୟ କଂକ୍ରିଟ ନଳାର ନିର୍ମାଣ ନିମନ୍ତେ ପ୍ରଥମ ପର୍ଯ୍ୟାୟର ପ୍ରକଳ୍ପର ଆଜି ଭିତ୍ତି ପ୍ରସ୍ତର ସ୍ଥାପନରେ ଯୋଗଦେଇଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଏହି ପ୍ରକଳ୍ପ ଜଳ ନିକାସ ବିଭାଜନ, ପୁରୀ ଦ୍ୱାରା ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେବ ଏହାର ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପ ପାଇଁ ମଧ୍ୟ ଆବଶ୍ୟକୀୟ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ବିଜ୍ଞାପିତ ଅଞ୍ଚଳର ଦୀର୍ଘ ଦିନରୁ ରହିଥିବା ଜଳ ନିଷ୍କାସନ ଭଳି ଏକ ପ୍ରମୁଖ ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା ନିମାପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଏବଂ ଡେଲ୍ଟା ଛକ ନିକଟରେ ଭେଣ୍ଡିଂ ଜୋନରେ ୨୧ ଜଣ ଉଠା ଦୋକାନୀଙ୍କୁ ଆବଣ୍ଟନ ପତ୍ର ବଣ୍ଟନ କରିଥିଲେ।

# ଜରୁରୀକାଳୀନ ଔଷଧ ଦିବସ

**ଭୁବନେଶ୍ୱର,୨୮।୫ (ମହାଭାରତ):** ଫୁଲନଖରା ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ-୨ରେ ମଙ୍ଗଳବାର ହସ୍ପିଟାଲ୍‌ର ଏମର୍ଜେନ୍ସି ମେଡିସିନ୍ ବିଭାଗ ପକ୍ଷରୁ ବିଶ୍ୱ ଜରୁରୀକାଳୀନ ଔଷଧ ଦିବସ ପାଳିତ ହୋଇଯାଇଛି। ସମ ହସ୍ପିଟାଲ-୨, ରାପିଡୋ ଓ ସୋସାଇଟି ଅଫ୍ ଆକ୍ୟୁଟ କେୟାର, ଟ୍ରମା ଆଣ୍ଡ ଏମର୍ଜେନ୍ସି ମେଡିସନ୍ (ଏସ୍‌ଏସିଟିଇଏମ୍)ର ମିଳିତ ଉଦ୍ୟମରେ ସାରା ଓଡ଼ିଶା ନିମନ୍ତେ ଏହି ଦିବସ ପାଳିତ ହୋଇଥିଲା।



ଏଥିରେ ଅଂଶ ଗ୍ରହଣ କରିଥବା ୭୦ରୁ ଊର୍ଦ୍ଧ୍ୱ ରାପିଡୋ କ୍ୟାପ୍‌ଟେନ୍ ମାନଙ୍କୁ ଜୀବନ ରକ୍ଷା ବିଷୟରେ ପ୍ରାକ୍ଟିକାଲ୍ ଏବଂ ଥିଓରି ମାଧ୍ୟମରେ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଜରୁରୀକାଳୀନ ଭିତିରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା କିମ୍ବା ସଡକ ଦୁର୍ଘଟଣା ସମୟରେ ରୋଗୀଙ୍କୁ କାର୍ଡିଓ ପଲୋମୋନାରି ରେସୁସିଟେସନ୍ (ସିପିଆର୍) ଓ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ବିଷୟରେ ସମସ୍ତେ ଅବଗତ ହେବା ଜରୁରୀ। ପ୍ରଫେସର (ଡ.) ସ୍ୱାଇଁ ଏ ବର୍ଷ ର ଥିମ୍ 'ପ୍ରାଉଡ ଟୁ ପ୍ରୋଭାଇଡ୍ ୟୁଓର ଏମର୍ଜେନ୍ସି କେୟାର' ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସନ୍‌ଜୀତ ମହାନ୍ତି କହିଥିଲେ ଯେ ଜରୁରୀକାଳୀନ ସମୟରେ ସିପିଆର୍ ଓ ପ୍ରାଥମିକ ଚିକିତ୍ସା ଜରୁରୀ ହୋଇଥିବା ବେଳେ ସମସ୍ତ ରାପିଡୋ କ୍ୟାପ୍‌ଟେନ୍ ଏହି କାର୍ଯ୍ୟକ୍ରମରେ ଲାଭ କରିଥିବା ଶିକ୍ଷାକୁ ନିଜ ପରିବାର ଓ ସମାଜରେ କାର୍ଯ୍ୟକାରୀ କରିବେ ଓ ସଚେତନତା ସୃଷ୍ଟି କରିବେ। ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଓ ଆସିଷ୍ଟାଂଟ ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ସିଦ୍ଧାର୍ଥ ଗୌତମ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି କମଳିନୀ ମଲ୍ଲିକ ଓ ଏମର୍ଜେନ୍ସି ମେଡିସିନ୍ ବିଭାଗୀୟ ମୁଖ୍ୟ ଡାକ୍ତର ପି.ଏନ୍. ଓଝା ମଧ୍ୟ ବକ୍ତବ୍ୟ ରଖିଥିଲେ। ଏମର୍ଜେନ୍ସି ମେଡିସିନ୍ ବିଭାଗର ଡାକ୍ତର ଦିବ୍ୟାଶା ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡାକ୍ତର ପ୍ରିୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ବିଧାନସଭାର ସଂକ୍ଷିପ୍ତ ଇତିହାସ ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର,୨୮।୫ (ମହାଭାରତ):** ଓଡ଼ିଶା ବିଧାନସଭାର ଗବେଷଣା ଶାଖା ପକ୍ଷରୁ ପ୍ରକାଶିତ A Brief History of Odisha Legislative Assembly ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ପୁସ୍ତକଟିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଲେ ଯେ ଆମ ସମସ୍ତଙ୍କ ପାଇଁ ଏହି ପୁସ୍ତକ ପ୍ରକାଶନର ଯଥାର୍ଥତା ରହିଛି। ଏହି ପୁସ୍ତକ ଲୋକପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଗବେଷକ, ବୁଦ୍ଧିଜୀବୀ, ବିଦ୍ୟାର୍ଥୀ ତଥା ସାଧାରଣ ଜନତାଙ୍କ ପାଇଁ ନିଶ୍ଚିତ ଭାବେ ଉପାଦେୟ ହୋଇପାରିବ ବୋଲି ବାଚସ୍ପତି ଆଶାବ୍ୟକ୍ତ କରିଛନ୍ତି। ୧୯୩୬ ମସିହା ଅପ୍ରେଲ ପହିଲାରେ ବ୍ରିଟିଶ ଶାସନାଧିକ ଭାରତବର୍ଷରେ ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶା ଶାସନଗତ ସ୍ୱାଧୀନତା ତଥା ସ୍ୱତନ୍ତ୍ର ସାମ୍ବିଧାନିକ ସ୍ଥିତି ହାସଲ କଲା। ସ୍ୱତନ୍ତ୍ର ଓଡ଼ିଶାର (ପ୍ରାକ୍ ସ୍ୱାଧୀନତା) ପ୍ରଥମ ବିଧାନସଭାଠାରୁ ଚଳିତ ସପ୍ତଦଶ ଓଡ଼ିଶା ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଓଡ଼ିଶା ଦାୟିତ୍ୱରେ ଥିବା ରାଜ୍ୟପାଳ, ବାଚସ୍ପତି, ଗୃହର ନେତା (ମୁଖ୍ୟମନ୍ତ୍ରୀ), ବିରୋଧୀ ଦଳ ନେତା, ଉପବାଚସ୍ପତି, ବିଧାନସଭା ସଚିବାଳୟର ସଚିବଙ୍କ ସହିତ ବିଭିନ୍ନ ପର୍ଯ୍ୟାୟରେ ମନ୍ତ୍ରୀମଣ୍ଡଳ ଗଠନ, ସାଧାରଣ ନିର୍ବାଚନ, ଉପନିର୍ବାଚନ, ଦଳୀୟ ସ୍ଥିତି ସହିତ ବିଧାନସଭା ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏହି ପୁସ୍ତକରେ ପ୍ରକାଶିତ ହୋଇଛି।

ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକବୃନ୍ଦ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ, ପୁସ୍ତକ ସଂକଳନରେ ସଂପୃକ୍ତ ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ, ପ୍ରଶାନ୍ତ ଦାସ ଓ ଅମୂଲ୍ୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ୩୧ ପର୍ଯ୍ୟନ୍ତ ବଢ଼ିଲା ଅନ୍ତ୍ୟୋଦୟ ଗୃହ ଆବେଦନ ସମୟ

**ଭୁବନେଶ୍ୱର,୨୮।୫ (ମହାଭାରତ):** ଆବାସ ଯୋଜନା ଆବେଦନର ଶେଷ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଆବାସ ଯୋଜନା ପାଇଁ ୩୬ ଲକ୍ଷ ୮୧ ହଜାର ଦରଖାସ୍ତ ପହଞ୍ଚିଛି ବୋଲି ପଞ୍ଚାୟତି ରାଜମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯେଉଁମାନେ ପଞ୍ଜିକରଣ କରିନାହାନ୍ତି, ତୁରନ୍ତ କରନ୍ତୁ। ମାସେ କି ଦୁଇ ମାସ ଭିତରେ ହିତାଧିକାରୀ ଚୟନ କରାଯିବ। ସବୁ ଯୋଜନାରୁ ଯେଉଁ ହିତାଧିକାରୀ ମାନେ ବାଦ୍ ପଡ଼ିଥିବେ ସେମାନଙ୍କୁ ଅନ୍ତୋଦୟ ଯୋଜନାରେ ଘର ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୬୦ ହଜାର ଘର ଦିଆଯାଇଛି। ଏବେ ବି ତାଲିକା ପ୍ରସ୍ତୁତି ଚାଲିଛି। ମୌସୁମୀ ପରେ ଦ୍ୱିତୀୟ ପର୍ଯ୍ୟାୟ ଘର ବଣ୍ଟନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଭିନ୍ନକ୍ଷମ, ବିଧବା, ଦୁରାରୋଗରେ ପୀଡିତ ଥିବା ବ୍ୟକ୍ତି ଏବଂ ସହିଦ ପରିବାର ବ୍ୟକ୍ତି, ପଦ୍ମଶ୍ରୀ ପରିବାର ବ୍ୟକ୍ତି, ବନ୍ୟା ବାତ୍ୟା ଓ ଅଗ୍ନିକାଣ୍ଡ ଘଟି ଘରପୋଡି ଥିବା ବ୍ୟକ୍ତି ଏହି ଯୋଜନାରେ ସାମିଲ ହେବେ। ଏଥିପାଇଁ ଅନଲାଇନ ଆବେଦନ କରିପାରିବେ।

# ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



**ଭୁବନେଶ୍ୱର,୨୮।୫ (ମହାଭାରତ):** ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟ ଠାରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ଅଧକ୍ଷତାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୋଗଦେଇଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବୁଥ ସ୍ତରରୁ କିଭଳି ଭାବରେ ଯୁବ କଂଗ୍ରେସକୁ ମଜବୁତ କରାଯିବ ସେଥିପାଇଁ ଖସଡ଼ା ପ୍ରସ୍ତୁତ କରନ୍ତୁ। ଯୁବ କଂଗ୍ରେସର ନେତୃବୃନ୍ଦମାନେ ତୃଣମୂଳ ସ୍ତରରେ ଯାଇ ଦଳକୁ ସଂଗଠିତ କରନ୍ତୁ। ସମସ୍ତ ପଞ୍ଚାୟତ ଏବଂ ବୁଥସ୍ତରରେ ଯୁବ କଂଗ୍ରେସର କର୍ମୀମାନେ ସାଧାରଣ ଜନତାଙ୍କର ସମସ୍ୟା, ସରକାରଙ୍କର ଦୁର୍ନୀତି ଓ ଭ୍ରଷ୍ଟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସୁରକ୍ଷା, ସାମାଜିକ ନ୍ୟାୟ, ଧାର୍ମିକ ସହନଶୀଳତା, ଦରଦାମ ବୃଦ୍ଧି, ବେକାରୀ, ଦାରିଦ୍ର୍ୟ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରନ୍ତୁ । ଓଡ଼ିଶା ପ୍ରଭାରୀ ଶ୍ରୀ ଲଲ୍ଲୁ ତାଙ୍କ ବକ୍ତବ୍ୟରେ କହିଲେ ଯେ ଯୁବ କଂଗ୍ରେସ ହେଉଛି କଂଗ୍ରେସ ଦଳର ମେରୁଦଣ୍ଡ ଏବଂ ଏକ ମୁଖ୍ୟ ସାମ୍ମୁଖ୍ୟ। ଓଡ଼ିଶାରେ କଂଗ୍ରେସ ଦଳକୁ ସରକାରକୁ ଆଣିବାପାଇଁ ଯୁବ କଂଗ୍ରେସର ଅବିଶ୍ରାନ୍ତ ଓ ନିଷ୍ଠାର ସହ ସଂଗ୍ରାମ ଓ କାର୍ଯ୍ୟକ୍ରମ ଏକମାତ୍ର ମାଧ୍ୟମ। ଯୁବକମାନେ ହିଁ ପରିବର୍ତ୍ତନର ସୂତ୍ରଧର। ସେମାନଙ୍କର ତ୍ୟାଗ ଓ ଆନ୍ଦୋଳନ ସରକାରକୁ ପରିବର୍ତ୍ତନ କରିବ। ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଯୁବ ବିରୋଧ ସରକାର। କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରୀୟ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ କହିଲେ ଯେ ଯୁବ କଂଗ୍ରେସ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସାଧନ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରୁଛି।

# ବେଦାନ୍ତର ସୌରଚାଳିତ ଜଳ ଅଭିଯାନ

**ଭୁବନେଶ୍ୱର,୨୮।୫ (ମହାଭାରତ):** ବଣାଇ ନିର୍ବାଚନମଣ୍ଡଳୀର ବିଧାୟକ ଲକ୍ଷ୍ମଣ ମୁଣ୍ଡା କସିରା ଗ୍ରାମ ପଂଚାୟତରେ ବେଦାନ୍ତ ଆଇରନ ଓଡ଼ିଶାର ସୌରଚାଳିତ ଜଳ ଭିତିଭୂମି ପ୍ରଣାଳୀ ପ୍ରୟାସର ଶୁଭାରମ୍ଭ କରିଛନ୍ତି। ଯାହା ଦ୍ୱାରା ପ୍ରାୟ ୧୦୦୦ ଗୋଷ୍ଠୀ ସଦସ୍ୟ ଲାଭାନ୍ୱିତ ହେବେ। ଏହି ପଦକ୍ଷେପ ପାନୀୟ ଜଳର ଉପଲବ୍ଧତାକୁ ବହୁ ପରିମାଣରେ ବୃଦ୍ଧି କରିବା ସହିତ ସ୍ଥାୟୀ ଏବଂ ସ୍ୱଚ୍ଛ ଶକ୍ତି ସମାଧାନର ଉପଯୋଗିତାକୁ ମଧ୍ଯ ବୃଦ୍ଧି କରିବ ଯାହା ଦୁର୍ବଳ ଗୋଷ୍ଠୀଙ୍କୁ ସିଧାସଳଖ ଲାଭ ପହଂଚାଇବ।

ବେଦାନ୍ତ ଆଇଓଏର ସିଏସଆର ପ୍ରକଳ୍ପ 'ନିର୍ମଳ'ର ଅଂଶ ଭାବରେ ଗ୍ରହଣ କରାଯାଇଥିବା ଏହି ପଦକ୍ଷେପରେ ୫ଟି ସୌରଚାଳିତ ବୋରୱେଲ ଏବଂ ୨୬ଟି ଜଳ ଷ୍ଟାଣ୍ଡ ପୋଷ୍ଟ ସ୍ଥାପନ ଅନ୍ତର୍ଭୁକ୍ତ। ଏହି ବ୍ୟବସ୍ଥା ଭଞ୍ଜପାଲି (ମୁଣ୍ଡା ସାହି), ନାଡ଼ିଡିହି, ବିଆଇସିଓ କଲୋନୀ, ରେଙ୍ଗାଲବେଡା (ଇନ୍ଦିରା କଲୋନୀ ଏବଂ ରାହାଡି ହାଟିଂ) ଗ୍ରାମଗୁଡ଼ିକୁ ସ୍ୱଚ୍ଛ ପାନୀୟ ଜଳ ନିରନ୍ତର ଯୋଗାଇବାରେ ସହାୟତା କରିବ। ସୌରଶକ୍ତିକୁ ବ୍ୟବହାର କରି, ଏହି ଭିତିଭୂମି ବିଦ୍ୟୁତ୍ କାଟ ବିରୁଦ୍ଧରେ ସ୍ଥିରତା ସୁନିଶ୍ଚିତ କରିବ ଏବଂ ଜଳ ବିତରଣ ପ୍ରଣାଳୀର କାର୍ବନ ପାଦଚିହ୍ନକୁ ହ୍ରାସ କରିବାକୁ କ୍ଷମ ହେବ। ଗ୍ରାମୀଣ ବିକାଶରେ ସବୁଜ ନବସୃଜନର ଏହା ଏକ ଶକ୍ତିଶାଳୀ ଉଦାହରଣ, ଯାହା କମ୍ପାନୀର ଚାଲିଥିବା ଅଭିଯାନ ସବୁଜ ଗ୍ରହ ପାଇଁ ସୁଦୃଢ଼ ପ୍ରୟାସ ମାଧ୍ୟମରେ ପ୍ରଦର୍ଶିତ ହୋଇଛି।

ଏହି ଅବସରରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା କହିଲେ,ଆମ ଅଂଚଳର ଗ୍ରାମଗୁଡ଼ିକରେ ଜଳ ଅଭାବ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇଛି। ମୁଁ ବେଦାନ୍ତକୁ ଏହାର ସମାଧାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିବାରୁ ଧନ୍ୟବାଦ ଦେଉଛି। ଯାହା ପ୍ରଭାବଶାଳୀ ଏବଂ ପରିବେଶ ଦୃଷ୍ଟିରୁ ଉପଯୋଗୀ। ସୌର ବୋରୱେଲଗୁଡ଼ିକ ଶିଳ୍ପ,ସରକାର ଏବଂ ଗୋଷ୍ଠୀଙ୍କର ଅର୍ଥପୂର୍ଣ୍ଣ ପରିବର୍ତ୍ତନ ପାଇଁ ଏକାଠି କାମ କରିପାରିବେ। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକା କ୍ଷେତ୍ରରେ ବେଦାନ୍ତର ନିରନ୍ତର କାର୍ଯ୍ୟ ପ୍ରଶଂସନୀୟ।

ପ୍ରଭାତ ପଣ୍ଡା, ଦିବାକର ନାୟକ ଏବଂ ଅଶୋକ ସାମଲଙ୍କ ସମେତ ଗୋଷ୍ଠୀର ନେତାମାନେ ବେଦାନ୍ତ ଆଇଓଏର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ସିଓଓ ବିଶ୍ୱନାଥ ସାହୁ ଏବଂ ମୁଖ୍ୟ ସିଏସଆର ସମ୍ବିତ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ବେଦାନ୍ତ ଆଇରନ ଓର ଓଡ଼ିଶାର ସିଇଓ ଅଜିତ ପାତ୍ର କହିଲେ, ଏହି ସୌର ଜଳ ପ୍ରକଳ୍ପ ସ୍ୱଚ୍ଛ ଶକ୍ତି ଏବଂ ଦାୟିତ୍ୱପୂର୍ଣ୍ଣ ନବସୃଜନ ମାଧ୍ୟମରେ ଜଳବାୟୁ-ସ୍ଥାପକ ସମ୍ପ୍ରଦାୟ ଗଠନ ପ୍ରତି ଆମର ପ୍ରତିବଦ୍ଧତାର ପ୍ରତିଫଳନ। ନବୀକରଣୀୟ ଶକ୍ତିର ଉପଯୋଗ କରି, ଆମେ ସ୍ଥିର ଏବଂ ସ୍ଥାୟୀ ସମ୍ପ୍ରଦାୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛୁ। ଅର୍ଥପୂର୍ଣ୍ଣ ଭାବରେ 'ଫେରସ୍ତ ଦେବା'ର ବେଦାନ୍ତ ଦର୍ଶନକୁ ଆଗକୁ ବଢ଼ାଇ, ଆମେ କେବଳ ଆର୍ଥିକ ଅଭିବୃଦ୍ଧି ଦ୍ୱାରା ନୁହେଁ, ବରଂ ସମ୍ପ୍ରଦାୟ ଉପରେ ସକାରାତ୍ମକ ଏବଂ ସ୍ଥାୟୀ ପ୍ରଭାବ ଦ୍ୱାରା ପ୍ରକୃତ ପ୍ରଗତି ଆଣିବାକୁ ଚେଷ୍ଟା କରୁଛୁ।

ପ୍ରୋଜେକ୍ଟ ନିର୍ମଳ ସହିତ, କମ୍ପାନୀ ଅନୁନ୍ନତ ଅଂଚଳରେ ସ୍ୱଚ୍ଛ ଜଳ ଯୋଗାଣ, ପରିମଳ ଏବଂ ଜଳବାୟୁ ସ୍ଥିରତାକୁ ସକ୍ରିୟ ଭାବରେ କାର୍ଯ୍ୟକାରୀ କରୁଛି। ଏହି ସୌର-ଚାଳିତ ସ୍ଥାପନଗୁଡ଼ିକ ଭିତିଭୂମିକୁ ଡିକାର୍ବୋନାଇଜ କରିବା, ପରିବେଶଗତ ଚାପ ହ୍ରାସ କରିବା ।

# ଜଳସମ୍ପଦ ବିଭାଗ କାର୍ଯ୍ୟ ତ୍ୱରାନ୍ୱିତ କର



**ଭୁବନେଶ୍ୱର,୨୮।୫ (ମହାଭାରତ):** ଉନ୍ନୟନ କମିଶନର ତଥା ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ଜଳ ସଂପଦ ବିଭାଗର ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହିତ ବିଭାଗୀୟ କାର୍ଯ୍ୟ ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ବୈଠକରେ ବୃହତ, ମଧ୍ୟମ, କ୍ଷୁଦ୍ର ଜଳ ସେଚନ, ଉଠା ଜଳସେଚନ, ମେଗା ଲିଫ୍ ସଂପର୍କିତ ବିଭିନ୍ନ କାର୍ଯ୍ୟ ସହିତ ନିର୍ମାଣାଧିନ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ବୈଠକରେ ସମୀକ୍ଷା କରି ଉନ୍ନୟନ କମିଶନର ଅନୁମୋଦନ ଅପେକ୍ଷାରେ ଥିବା ପ୍ରକଳ୍ପ ଏବଂ ଯୋଜନାରେ ଅନ୍ତର୍ଭୁକ୍ତ କାର୍ଯ୍ୟଗୁଡ଼ିକୁ ମଞ୍ଜୁରୀ ପାଇଁ ପ୍ରୟାସ କରିବା, ନିର୍ମାଣାଧିନ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯିବା, ବଜେଟ୍ ପ୍ରାବଧାନ ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ତ୍ୱରାନ୍ୱିତ କରି ବିଭାଗୀୟ ଖର୍ଚ୍ଚ ବୃଦ୍ଧି କରିବା ଏବଂ ବିଭାଗରେ ଖାଲି ରହିଥିବା ବିଭିନ୍ନ ପଦବୀ ପୂରଣ ସଂପର୍କରେ ପଦକ୍ଷେପ ନେବାକୁ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଶାଖାର କାର୍ଯ୍ୟ ପ୍ରଦର୍ଶନ ସଂପର୍କରେ ସମୀକ୍ଷା କରିବା ସହ ସମସ୍ତେ ନିଜ ନିଜ ଶାଖାର କାର୍ଯ୍ୟରେ କିପରି ଉଲ୍ଲେଖନୀୟ ତଥା ଆଖିଦୃଶିଆ ଉନ୍ନତି ଆଣିପାରିବେ, ସେଥିପ୍ରତି ଆନ୍ତରିକତା ଓ ସମ୍ମିଳିତ ପ୍ରଚେଷ୍ଟା ଜାରି ରଖିବାକୁ ସେ ଆବଶ୍ୟକ

# ଜୁନ ୩ରେ କୋଟିଆ କମିଟି ବୈଠକ

**ଭୁବନେଶ୍ୱର,୨୮।୫ (ମହାଭାରତ):** କୋରାପୁଟ ଜିଲ୍ଲା ପଟାଙ୍ଗି ସୀମାନ୍ତ କୋଟିଆ। ଉପରେ ଆନ୍ଧ୍ରପ୍ରଦେଶ ନଜର ପକାଇଛି। ସ୍ଥାନୀୟ ଲୋକଙ୍କୁ ସବୁ ଯୋଜନାର ଲୋଭ ଦେଖାଇ ଆନ୍ଧ୍ର ପକାଇଛି ନଜର। ତେଣୁ କୋଟିଆକୁ ନେଇ ସରକାର ୧୬ ଜଣିଆ କମିଟି ଗଠନ କରିଛନ୍ତି। ଜୁନ ୩ ତାରିଖରେ କୋଟିଆ। କମିଟିର ପ୍ରଥମ ବୈଠକ ବସିବ।

ପ୍ରାଶାସନିକ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ଓଡ଼ିଶା ସରକାର ଦେଉଥିବା ସହାୟତା ଲୋକଙ୍କ ପାଖରେ ଠିକରେ ପହଞ୍ଚିପାରୁନି। କିନ୍ତୁ ସରକାର ବଦଳିଲା ପରେ ନୂଆ। ଆଶା ସୃଷ୍ଟି ହୋଇଛି। କମିଟି ଗଠନ କରି କୋଟିଆ। ପାଇଁ ଦୀର୍ଘମିଆଦି ଯୋଜନା କାର୍ଯ୍ୟକାରୀ କରାଯିବାକୁ ଚାଲିଛି ଯୋଜନା।

ଆନ୍ଧ୍ର, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସହ ଥିବା ସୀମା ବିବାଦ ନେଇ ବିଧାନସଭା ଗୃହ କମିଟିରେ ଆଜି ମାରାଥନ୍ ଆଲୋଚନା ହୋଇଛି। ବିଶେଷକରି ଫୋକସରେ ରହିଥିଲା କୋଟିଆ। ଓ ପୋଲାଭରମ ଭଳି ବିବାଦୀୟ ପ୍ରସଙ୍ଗ। କୋଟିଆରେ କେତେ ପିଲା ପାଠ ପଢୁଥିଲେ, କେତେ ପଢୁଛନ୍ତି ଓ ସେଠାକାର ଲୋକଙ୍କ ଓଡ଼ିଶା ପ୍ରତି କେତେ ଆଗ୍ରହ ରହିଛି ? ସେ ସବୁକୁ ନେଇ ଆଲୋଚନା ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଓଡ଼ିଆ।

# ମାଲାବାର ଗ୍ରୁପ ପକ୍ଷରୁ ସିଏସଆର ପଦକ୍ଷେପକୁ ବୃଦ୍ଧି

**ଭୁବନେଶ୍ୱର,୨୮।୫ (ମହାଭାରତ):** ଭାରତର ଅଗ୍ରଣୀ ବ୍ୟବସାୟିକ ସଂଗଠନ ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ମୂଳ କମ୍ପାନୀ ମାଲାବାର ଗ୍ରୁପ୍ ୨୦୨୫-୨୬ରେ ସ୍ୱାସ୍ଥ୍ୟସେବା, ଶିକ୍ଷା, କ୍ଷୁଧା ଏବଂ ଦାରିଦ୍ର୍ୟ ଦୂରୀକରଣ, ମହିଳା ସଶକ୍ତିକରଣ, ପରିବେଶ ସୁରକ୍ଷା ଏବଂ କମ୍ ସୁବିଧାପ୍ରାପ୍ତ ଲୋକଙ୍କ ପାଇଁ ବାସସ୍ଥାନ ଉପରେ କେନ୍ଦ୍ରିତ ଏହାର ସିଏସଆର ପଦକ୍ଷେପକୁ ବୃଦ୍ଧି କରିବା ପାଇଁ ୧୫୦ କୋଟି ଟଙ୍କା ଆବଂଟନ କରିଛି। ନିଜର ପ୍ରମୁଖ ସିଏସଆର ପଦକ୍ଷେପ 'ଦି ହଙ୍ଗର ଫ୍ରି ୱାର୍ଲ୍ଡ' ଅନ୍ତର୍ଗତ ଗ୍ରୁପ୍ ୨୦୨୫-୨୬ ରେ ଭାରତ ଏବଂ ଜାମ୍ବିଆରେ ଦୈନିକ ୭୦,୦୦୦ ଲୋକଙ୍କୁ ବଂଟନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି। ଯାହା ମୋଟ ୨.୫୦ କୋଟି ମିଲ୍ସ ହେବ। ଏହା ଗତ ୩ ବର୍ଷ ମଧ୍ୟରେ ପରିବେଷଣ କରାଯାଇଥିବା ୨.୫ କୋଟି ଖାଦ୍ୟର କ୍ରମାଗତ ସଫଳତାରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିନିଧିତ୍ୱ କରେ ଏବଂ ଅନୁନ୍ନତ ସମ୍ପ୍ରଦାୟ ପାଇଁ ଖାଦ୍ୟ ସୁରକ୍ଷା ପାଇଁ ଏକ ଗଭୀର ପ୍ରତିବଦ୍ଧତାକୁ ସୂଚିତ କରେ। ଏହି ପଦକ୍ଷେପ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ୨ ଶୂନ୍ୟ କ୍ଷୁଧା ସହିତ ସଂଯୁକ୍ତ। ୨୮ ମେ', ୨୦୨୫ରେ ନୂଆଦିଲ୍ଲୀର ଜନପଥସ୍ଥିତ ଡକ୍ଟର ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ଯାହା ବିଶ୍ୱ କ୍ଷୁଧା ଦିବସ ପାଳନ କରିଛି। ନୀତି ଆୟୋଗ ଏବଂ ଜି-୨୦ ଶେରପା ତଥା ପୂର୍ବତନ ସିଇଓ ଡକ୍ଟର ଅମିତାଭ କାନ୍ତ ଗ୍ରୁପର ସିଏସଆର କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟ ଆରମ୍ଭ କରିଥିଲେ।

# ସରକାରଙ୍କ ବର୍ଷପୂର୍ତ୍ତି ପାଳନ ପ୍ରସ୍ତୁତି ପାଇଁ ସଚିବସ୍ତରୀୟ ବୈଠକ

**ଭୁବନେଶ୍ୱର,୨୮।୫ (ମହାଭାରତ):** ସଚିବସ୍ତରୀୟ ବୈଠକ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ପ୍ରାବଧାନ ଅନୁସାରେ ଚଳିତ ଅପ୍ରେଲ ମାସ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଅର୍ଥ ବିଭାଗ ତରଫରୁ ସ୍ଥିତି ଉପସ୍ଥାପନ କରାଯାଇଥିଲା। ଦେଖାଯାଇଛି ଯେ, ଗତବର୍ଷ ତୁଳନାରେ ଚଳିତ ବର୍ଷ ଅପ୍ରେଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚ ୩୫ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଗତ ବର୍ଷ ତୁଳନାରେ ୬୬ ପ୍ରତିଶତ ଖର୍ଚ୍ଚ ବୃଦ୍ଧି ଘଟିଛି। ବଜେଟ୍ ପ୍ରାବଧାନ ଅନୁସାରେ ପ୍ରତି ବିଭାଗ ମାନେ ନିଜ ନିଜ ସ୍ତରରେ ପ୍ରତିମାସରେ କାର୍ଯ୍ୟ ଅଗ୍ରଗତି ଓ ତଦନୁସାରେ ଖର୍ଚ୍ଚ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବିଭିନ୍ନ ମାଧ୍ୟମରୁ ସଂଗୃହିତ ନିଜସ୍ୱ କର ଆଦାୟ ବିଭିନ୍ନ ବିଭାଗରେ ଓସ୍ୱାସ୍ ବା କମ୍ପ୍ୟୁଟରୀକରଣ ବ୍ୟବସ୍ଥାରେ ସରକାରୀ ନଥି ପ୍ରୋସେସିଂ କାର୍ଯ୍ୟରେ ବିଳମ୍ବ ହେଉଥିବାରୁ



ଆଗାମୀ ଦିନରେଏହି ପ୍ରକ୍ରିୟାକୁ ସରଳ କରାଯାଇ ଯେପରି ସର୍ବାଧିକ ୩ଟି ସ୍ତର ଦେଇ ନିଷ୍ପତ୍ତି ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ନଥି ପହଁଚିବ, ସେଥିପାଇଁ ଏହି ବିଭିନ୍ନ ସ୍ତରୀୟ ବ୍ୟବସ୍ଥାକୁ କମାଯାଇ (ଡିଲେୟାରିଂ) ପ୍ରକ୍ରିୟାରେ ଏହି ବ୍ୟବସ୍ଥାର ସରଳୀକରଣ କରାଯିବ। ଫଳରେ ସରକାରୀ କାର୍ଯ୍ୟ, ସେବା ପ୍ରଦାନ ଓ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତହେବ। ଏଥିପାଇଁ ବିଭିନ୍ନ ବିଭାଗରୁ ମତାମତ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି ଓ ଖୁବ୍ ଶିଘ୍ର ତାହା କାର୍ଯ୍ୟକାରୀ ହେବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନିଆଯିବା ସଂପର୍କରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଆଲୋଚନା କରିଥିଲେ। ସେହିପରି ଆଗାମୀ ଦିନରେ କେତେକ ବିଭାଗ ତରଫରୁ ଆଗତ ହେବାକୁ ଥିବା ବିଭିନ୍ନ ନୀତି ଓ ନିର୍ଦ୍ଦେଶାବଳୀ ସଂପର୍କରେ ଚୂଡ଼ାନ୍ତ ପ୍ରସ୍ତାବ ପାଇଁ ବିଭାଗ ମାନଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ନୂତନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୁନ୍ ୧୨ ତାରିଖରୁ ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରରେ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସଆରସି ଶ୍ରୀ ଦେଓରଞ୍ଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ, ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସବିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

# ନିତି ଆୟୋଗ

ନିତି ଆୟୋଗ ବୈଠକରେ ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଏବଂ ଉପରାଜ୍ୟପାଳମାନେ ଯୋଗ ଦେଇଥିଲେ। କିନ୍ତୁ ବୈଠକକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କେରଳ ମୁଖ୍ୟମନ୍ତ୍ରୀ ପିରାଇ ବିଜୟନ ଯୋଗ ଦେଇନଥିଲେ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ବୈଠକରେ ଯୋଗ ଦେଇନଥିଲେ ବି ନିଜର ବାର୍ତ୍ତା ପଠାଇଥିଲେ। ମୋଟ ଉପରେ କହିଲେ ବୈଠକରେ ତିନିଟି ପ୍ରମୁଖ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଅନୁପସ୍ଥିତ ଥିଲେ। ଏହାର କାରଣ କ'ଣ ଜଣାନାହିଁ। ସମ୍ଭବତଃ ରାଜନୈତିକ ମତପାର୍ଥକ୍ୟ ଯୋଗୁ ସେମାନେ ବୈଠକରେ ଯୋଗ ଦେଇନଥିଲେ। ଅତୀତରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମମତା ଏବଂ ପିନରାଇ ବିଜୟନ ଅନୁପସ୍ଥିତ ରହିଥିବାର ନଜିର ରହିଛି। ଏହା କଦାପି ସ୍ୱଗତଯୋଗ୍ୟ ନୁହେଁ। ରାଜନୀତି ଅଲଗା, ଦେଶର ବିକାଶ ଏବଂ ଶାସନ ଅଲଗା। ନିର୍ବାଚନ ବେଳେ ରାଜନୈତିକ ଦଳମାନେ ପରିସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ କରନ୍ତି। ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। କିନ୍ତୁ ନିର୍ବାଚନ ପରେ ଜନମତ ଆଧାରରେ ବିଜୟୀ ଦଳ ସରକାର ଗଠନ କରନ୍ତି। ବିରୋଧୀ ଦଳର କିଛି ନେତା ମଧ୍ୟ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୋଇ ବିରୋଧୀ ଆସନରେ ବସନ୍ତି। ସଂସଦ ବା ବିଧାନସଭାରେ ସେ ବିତର୍କ ମାଧ୍ୟମରେ ସରକାରଙ୍କ ଦୋଷ ଦୁର୍ବଳତାକୁ ଦେଖାନ୍ତି। କିନ୍ତୁ ଦେଶ ବା ରାରଜ୍ୟର ବିକାଶ ସହିତ କେହି ସାଲିସ କରିବା ଅନୁଚିତ। ଦେଶର ସୁରକ୍ଷା ଏବଂ ବିକାଶ ନିମନ୍ତେ ସମସ୍ତେ ଏକାଠି ହୋଇ କମାକ କରିବା ଉଚିତ। ଭାରତର କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ ସମୟରେ ବିରୋଧୀ ଦଳର କାର୍ଯ୍ୟକଳାପ ବିକାଶ ବିରୋଧୀ ହୋଇଥାଏ। ଯଦି ବିକାଶ ମୂଳକ କାମରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥାଏ ତେବେ ଏହାକୁ ଦେଖାଇବା ବିରୋଧୀ ଦଳର ଦାୟିତ୍ୱ। ଶାସକ ଦଳର ନେତାମାନେ ଏ କ୍ଷେତ୍ରରେ ନିଜର ମତ ସ୍ୱାଧୀନ ଭାବେ ଉପସ୍ଥାପନ କରିବା ଉଚିତ। କିନ୍ତୁ ଭଲ କାମକୁ ବିରୋଧୀ ଉତ୍ସାହିତ କରିବା ଉଚିତ। ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି , ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର-ରାଜ୍ୟ ଏକାଠି ହେବା ଉଚିତ। ଅର୍ଥାତ ରାଜ୍ୟରେ ବିରୋଧୀ ଦଳର ସରକାର ଥିଲେ ମଧ୍ୟ ସେମାନେ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପରସ୍ପର ସହ ହାତ ମିଳାଇବା ଉଚିତ। ଏଥିରେ କେବଳ ରାଜ୍ୟ ନୁହେଁ, କେନ୍ଦ୍ର ସରକାରଙ୍କର ମଧ୍ୟ ଦାୟିତ୍ୱ ରହିଛି। ଗୋଟିଏ ହାତରେ ତାଳି ବାଜେନି। ଦେଶର ବିକାଶ ନିମନ୍ତେ ଦୁଇ ହାତ ଅର୍ଥାତ କେନ୍ଦ୍ର ଏବଂ ରାଜ୍ୟ ଏକାଠି ହେବା ଉଚିତ। କେନ୍ଦ୍ର ସରକାର ଦେଶର ବିକାଶ ନିମନ୍ତେ ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି, ଅନେକ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି। ଏହା ଯେପରି ସଠିକ ଭାବେ କାର୍ଯ୍ୟକାରୀ ହୁଏ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ ତାହାକୁ ସୁନିଶ୍ଚିତ କରିବା ଉଭୟଙ୍କ ଦାୟିତ୍ୱ। କିନ୍ତୁ ଅନେକ ସମୟରେ ଅଭିଯୋଗ ହେଉଛି କେନ୍ଦ୍ର ସରକାର ବିରୋଧୀ ଶାସିତ ରାଜ୍ୟମାନଙ୍କର ଦାବି ପ୍ରତି ଅବହେଳା କରୁଛନ୍ତି। ଉଦାହରଣ ସ୍ୱରୂପ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ ନିୟମିତ ଅଭିଯୋଗ କରି ଆସୁଛନ୍ତି ଯେ, କେନ୍ଦ୍ର ସରକାର ରାଜ୍ୟର ହକ ଦେଉନାହାଁନ୍ତି। କେନ୍ଦ୍ର ସରକାର ରାଜ୍ୟର ପ୍ରାପ୍ୟ ପ୍ରଦାନ କରୁ ନାହାଁନ୍ତି। କେରଳ ମ୍ୟୁମନ୍ତ୍ରୀ ପିନରାଇ ବିଜୟନ ମଧ୍ୟ ସମାନ ଅଭିଯୋଗ କରି ଆସୁଛନ୍ତି। ମମତାଙ୍କର ମଧ୍ୟ ଏହା ଏକ ଧାରାବାହିକ ଅଭିଯୋଗ। ତେଣୁ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସବୁ ବେଳେ ଟକ୍କର ଦେଖିବାକୁ ମିଳୁଛି। କିଛି ରାଜ୍ୟ ଅବଶ୍ୟ ମାତ୍ରାଧିକ ଅଭିଯୋଗ କରୁଛନ୍ତି।

# ସାଧୁ - ସର୍ବ ଭୂତ ହିତେ ରତଃ

**॥ ହେମନ୍ତ କୁମାର ପରିଡ଼ା ॥**

> “ ;ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ।

ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି। 'ଏ ଜୀବ ସାଧୁସଙ୍ଗ ବିନୁ। ଲଭି ନପାରେ ମୋର ତନୁ।' ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା। ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ। କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି। ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି 'ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ।' ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ ହୋଇଛି।

ଦସ୍ୟୁ ରତ୍ନାକର ଭଳି ଦୂରଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ। ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ। ଅଙ୍ଗୁଳୀମାଳ ଭଳି ଦୁର୍ଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ। ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ। ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି। ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି। ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ। ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ। ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ। ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି। ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ। ସେଥିପାଇଁ କୁହାଯାଇଛି 'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେନୌକା।'

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ। ଏଠିକାର ସମୁଦ୍ର ମହୋଦଧି। ଏହି ମାର ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ। ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର। ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ଜୋଳିତ ଥିଲା। ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ। ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ। ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ। ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି। ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି। ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି। ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି। ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ।' ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ। ସାଧୁ ସାକ୍ଷାତ ତୀର୍ଥମୟ। ତୀର୍ଥମାନେ ସମୟ କ୍ରମେ ଫଳଦନା କରନ୍ତି। ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ। ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଭଗବାନ ମଧ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି। ଆଶୀର୍ବାଦ ନେଇଛନ୍ତି, ଅଭିଷାପକୁ ମଥାପାତି ସହିଛନ୍ତି। କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ ଗ୍ରହଣ କରିଛନ୍ତି। ସନ୍ଥ ତୁଳସୀ ଦାସଙ୍କ ଭାଷାରେ - 'ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଲ ଚିଦ୍ରନ ପାବା।' ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ। ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି। ସେ ସବୁ ମଧରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ। ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର। ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି। 'ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି। ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍। ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍। ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହୀରଚାପଳମ୍। ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା। ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ।'

ଶ୍ରୀ ଭଗବାନ କହିଲେ ହେ ଅର୍ଜ୍ଜୁନ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିର୍ବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ। ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ। ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି। ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା। ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି। ସାଧୁ ବେଶ ସାଧୁର ଏକ ଭୂଷଣ। ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମା ବିଶ୍ୱାସ, ସରଳତାର ପ୍ରତୀକ ହେଉ। ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି। ସେଥିରେ କଳଙ୍କ ନଲାଗୁ। ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ। ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ତ ହୁଅନ୍ତୁ। ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ। ଆମର ସବୁ ମୁନିଋଷି ଗୃହସ୍ତ ଥିଲେ। ବିଶ୍ୱଗୁରୁ ବ୍ୟାସ ମଧ ଗୃହସ୍ତ ଥିଲେ। ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି। ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି। ଗୈରୀକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି। କିଏ ଲଣ୍ଡିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭଷ୍ମ ବିଲେପିତ ଧୂଳିଧୁଷରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ। ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ। କାଚକାଚ ମଣି ମଣି କୟ ବିକ୍ରୟେ ଜଣାଜଣି। ବିଶେଷକରି ସର୍ବଭୂତ ହିତେରତା। ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ। ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ।


ମାଳତୀକୁଞ୍ଜ, ପ୍ଲଟ ନଂ - ୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ଦୂରଭାଷ : ୮୭୬୩୧୦୭୧୨୬


# ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ

**॥ ଗୋପାଳ ମହାପାତ୍ର ॥**

ଏବେ ଶୀତଋତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଇଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି। ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ଼ ନୁହେଁ। ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


# ମହାତ୍ମାଙ୍କ ଶେଷ ଦିନ ଓ ପରମପିତା

**॥ ଉମେଶ ଚନ୍ଦ୍ର ପାତ୍ର ॥**

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର 'ଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ ଖୁବ୍ ଶକ୍ତ ଥିଲା। ରସୁଲ୍‌ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - “”ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଜଙ୍ଗଲୀ ହାତୀ ଆକ୍ରମଣରେ ଜଣେ ମୃତ, ଆର୍ଥିକ ସହାୟତା ଦାବୀ

ନୂଆଗାଁ , (ମହାଭାରତ ) : ସୁରୁକାବାଡି ବଡ଼ ତଇଲା କାଜୁ ଜଙ୍ଗଲରେ ଜଙ୍ଗଲୀ ହାତୀ ଆକ୍ରମଣରେ ପୋକସୁଙ୍ଗା ଗ୍ରାମର ବ୍ରଜ ମଳିକଙ୍କ ମୃତ୍ୟୁ ହୋଇଛି । ସୂଚନା ଥାଉକି ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଗୁମି ସେକ୍ସନରେ ଥିବା ପାରାଡ଼ିପି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୋକସୁଙ୍ଗା ଗ୍ରାମର ବ୍ରଜ ମଳିକ ମଙ୍ଗଳବାର ସନ୍ଧ୍ୟା ସମୟରେ ସୁରୁକାବାଡି ଗ୍ରାମକୁ କୌଣସି କାମ ନେଇ ଯାଇଥିଲେ । ସେ ବିଳମ୍ବିତ ରାତିରେ ସୁରୁକାବାଡ଼ି ରୁ ଗୁଣ୍ଡୁରାସାହି ପର୍ଯ୍ୟନ୍ତ ଥିବା ପାଦଚଲା ରାସ୍ତା ଦେଇ ସାଇକେଲ ଯୋଗେ ନିଜ ଗାଁକୁ ଫେରୁଥିଲେ । ସେହି ବଡ଼ ତଇଲା କାଜୁ ଜଙ୍ଗଲରେ ହିଁ ବ୍ରଜ ମଳିକ ଙ୍କୁ ଜଙ୍ଗଲୀ ହାତୀ ଆକ୍ରମଣ କରିଥିଲା । ସେହି ରାସ୍ତାରେ ବନପାଳ ଓ କର୍ମଚାରୀ ମାନେ ପାଟ୍ରୋଲିଂ କରୁଥିବା ସମୟରେ ଗୋଟିଏ ସାଇକେଲ ପଡ଼ିଥିବା ସହ ହାତୀ ଆକ୍ରମଣରେ ବ୍ରଜ ମଳିକ କ୍ଷତକ୍ତାତ ହୋଇ ପଡ଼ିଥିବା ଦେଖିଥିଲେ । ବନପାଳ ଓ ବନ କର୍ମଚାରୀ ମାନେ ମହିପୁର ବନାଞ୍ଚଳ କାର୍ଯ୍ୟରତ ଏସିଏଫ ଙ୍କୁ ଖବର ଦେବାପରେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏସିଏଫ ସଙ୍ଗେ ସଙ୍ଗେ ଓଡଗାଁ ଥାନାକୁ ଖବର ଦେଇଥିଲେ ।ଘଟଣାସ୍ଥଳରେ ବାହାଡଝୋଲା ଫାଣ୍ଡି ଅଧିକାରୀ ପହଞ୍ଚି ବ୍ରଜ ଙ୍କୁ ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ ।ଚିକିତ୍ସାଧୀନ ଅବସ୍ଥାରେ ବ୍ରଜ ମଳିକ ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ବନ ବିଭାଗ ପକ୍ଷରୁ ଖବର ଦେବାପରେ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ଶବକୁ ଚିହ୍ନଟ କରିଥିଲେ ପରେ ଓଡଗାଁ ଥାନା ପକ୍ଷରୁ ୨୦/୨୫ ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଓଡ଼ଗାଁ ଥାନା ଅଧିକାରୀ ଅଭୟ ବେହେରା ସୂଚନା ଦେଇଛନ୍ତି ।ଏନେଇ ମହିପୁର ବନାଞ୍ଚଳ କାର୍ଯ୍ୟରତ ଏସି ଏଫ ଅମ୍ରିତ କୁମାର ସାହୁ ଙ୍କ ଠାରୁ ମତାମତ ନେଇଥିବାରୁ ସେ କହିଥିଲେ ଯଦି ହାତୀ ଆକ୍ରମଣରେ ଉକ୍ତ ବ୍ୟକ୍ତି ଜଣଙ୍କ ମୃତ୍ୟୁ ହୋଇଥାଏ ତେବେ ବନ ବିଭାଗ ତରଫରୁ ସମ୍ପୂର୍ଣ୍ଣ ରୂପେ ମୃତ ପରିବାର ଲୋକଙ୍କୁ ପ୍ରାୟ ୬ଲକ୍ଷ ଅର୍ଥ ରାଶି ସହାୟତା ଦିଆଯିବ ବୋଲି ଏସିଏଫ ଶ୍ରୀ ସାହୁ ପ୍ରତିକ୍ରିୟା ରଖିଛନ୍ତି ।

## ଅଲ୍ ଇଣ୍ଡିଆ ହୋ ଲାଙ୍ଗୁଆଜ୍ ଆକ୍ସନ କମିଟି କେନ୍ଦ୍ରୀୟ ଉପସଭାପତି ଗିରିଶ ହେମ୍ବ୍ରମ ଇସ୍ତଫା

ରାଇରଙ୍ଗ ପୁର,(ମହାଭାରତ ) : ଜାତୀୟ ସ୍ତରରେ ଅଲ୍ ଇଣ୍ଡିଆ ହୋ ଲାଙ୍ଗୁଏଜ ଆକ୍ସନ କମିଟି ହୋ ଭାଷାର ମାନ୍ୟତା ନିମନ୍ତେ କାର୍ଯ୍ୟ କରି ଆସୁଛି । ରାଇରଙ୍ଗପୁରଠାରେ ୨୦୧୧ ମସିହାରେ ଏହି ସଙ୍ଗଠନ ଜନ୍ମ ଲାଭ କରିଥିଲେ । ଏହି ସଂଗଠନର ପ୍ରଥମ ସଭାପତି ରୂପେ କେନ୍ଦ୍ରୀୟ ସଭାପତି ରୂପେ କନ୍ଦାଚରଣ ନାଏକ (ବିରୁଲି) ନିର୍ବାଚିତ ହୋଇଥିବା ବେଳେ ୨୦୨୨ ମସିହାରୁ ଏଯାଏ କେନ୍ଦୁଝର ଜିଲ୍ଲାର ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ରାମରାୟ ମୁନ୍ଦୁୟା କେନ୍ଦ୍ରୀୟ ସଭାପତି ଦାୟିତ୍ୱରେ ରହିଛନ୍ତି । ତେବେ ଏହି କମିଟିର ପଦାଧିକାରୀମାନଙ୍କ ମଧ୍ୟରୁ କେତେକ ହୋ ଭାଷାର ସ୍ୱୀକୃତି କଥା ଅପେକ୍ଷା ନିଜର ରାଜନୈତିକ ପ୍ରତିଷ୍ଠାକୁ ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି । ଯାହା ଫଳରେ ଜାତୀୟ ସ୍ତରର ଏହି ସଂଗଠନ ପ୍ରତି ହୋ ଭାଷା ପ୍ରେମୀମାନଙ୍କର ଆସ୍ଥା କମି ଯାଉଛି । ଅଲ୍ ଇଣ୍ଡିଆ ହୋ ଲାଙ୍ଗୁଏଜ ଆକ୍ସନ କମିଟିର ବରିଷ୍ଠ କେନ୍ଦ୍ରୀୟ ଉପସଭାପତି ପଦବୀରୁ ଗିରିଶ ଚନ୍ଦ୍ର ହେମ୍ବ୍ରମ ଆଜି ଇସ୍ତଫା ଦେଇଛନ୍ତି । ଏଥିରୁ କେନ୍ଦ୍ରୀୟ କମିଟିରେ ସବୁ ଠିକ୍ ଚାଲୁ ନାହିଁ, ଏହା ସ୍ପଷ୍ଟ ଜଣା ପଡୁଛି । ନିଜ ପଦବୀରୁ ଇସ୍ତଫା ଦେଇଥିବା ଗିରିଶଚନ୍ଦ୍ର ଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହିତ ସାକ୍ଷାତ ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ତେବେ ଆଜି ଅଚାନକ ନିଜ ପଦବୀରୁ ଇସ୍ତଫା ଦେବା ପ୍ରସଙ୍ଗ ଅନେକ ହୋ ଭାଷା ପ୍ରେମିମାନଙ୍କୁ ଚକିତ କରିଛି । ଗିରିଶ ତାଙ୍କର ପ୍ରତିକ୍ରିୟାରେ କେନ୍ଦ୍ରୀୟ କମିଟି ଏବଂ ରାଜ୍ୟ ଶାଖା କମିଟିଗୁଡ଼ିକର ପୁନଃଗଠନ, ଏଥିରେ ଅଧିକରୁ ଅଧିକ ହୋ ଭାଷା ଆନ୍ଦୋଳନକାରୀ, ଭାଷା ପ୍ରେମୀମାନଙ୍କୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଥିବା କହିଛନ୍ତି । ଗତ ବିଧାନସଭା ନିର୍ବାଚନରେ ବର୍ତ୍ତମାନର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ, ରାଜ୍ୟ କର୍ମଚାରୀ ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବାରେ ଗିରିଶଚନ୍ଦ୍ରଙ୍କର ଅବଦାନ ଅନେକ । ହୋ ଲାଙ୍ଗୁଏଜ ଆକ୍ସନ କମିଟି କେନ୍ଦ୍ରୀୟ ଉପସଭାପତି ପଦବୀରୁ ତାଙ୍କରି ଇସ୍ତଫାକୁ ନେଇ ଅନେକ ରାଜନୈତିକ ଆଲୋଚନା କଳ୍ପନା କଳ୍ପନା ଜଳ୍ପନା ଚାଲିଛି ।

## କପ୍ତିପଦା ବ୍ଲକ ଶିକ୍ଷକ ପରିବାରକୁ କୃତଜ୍ଞତା

କପ୍ତିପଦା, (ମହାଭାରତ ) : କପ୍ତିପଦା- କପ୍ତିପଦା ବ୍ଲକ ଅନର୍ଗତ ବାଥୁଡି ସାହି ସ୍ଥିତ ଦାଣ୍ଡଘାଟ ସରକାରୀ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ଅଞ୍ଜନ ବେହେରା ଏକ ସଡ଼କ ଦୁର୍ଘଟଣାରେ ମସ୍ତକରେ ରକ୍ତ ଜମାଟ ଯୋଗୁଁ ଚେତାଶୂନ୍ୟ ଥିଲେ । କଟକ ସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ବ୍ରେନ ଅପରେସନ ସମୟରେ କପ୍ତିପଦା ବ୍ଲକ ଶିକ୍ଷକ ପରିବାର ତରଫରୁ ଦୁଇଟି ଦଫାରେ ମୋଟ ଏକ ଲକ୍ଷ, ଏକ ହଜାର, ଏକ ଶତ ଟଙ୍କା ସହାୟତା ପ୍ରଦାନ କରାଯାଇ ଥିଲା । ଦୀର୍ଘ ଦିନ ପରେ ଭଲ ହୋଇ ଘରକୁ ଫେରିଛନ୍ତି । ଆଜି ଶିକ୍ଷକ ପ୍ରତିନିଧି ଗୋଲକ ଚନ୍ଦ୍ର ବେଜ, ପ୍ରଫୁଲ୍ଲ ବରାଳ, ଆଶୁତୋଷ ସାହୁ, ଅଜିତ କୁମାର ଗିରି, ପଙ୍କଜ ବେହେରା, ମହେଶ୍ୱର ବାରିକ, ରବିନ୍ଦ୍ର ସାହୁ ପ୍ରମୁଖ, ବ୍ରେନ ଅପରେସନ ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ଶିକ୍ଷକ ଅଞ୍ଜନ ବେହେରାଙ୍କ ବାସଭବନକୁ ଯାଇ ସାକ୍ଷାତ କରିବା ସହ ଆବଶ୍ୟକ ପରାମର୍ଶ ପୂର୍ବକ ଆଶୁ ଆରୋଗ୍ୟ କାମନା କରିଥିଲେ । ଶିକ୍ଷକ ଅଞ୍ଜନ ବେହେରା ଓ ତାଙ୍କ ପରିବାରବର୍ଗ କପ୍ତିପଦା ବ୍ଲକ ଶିକ୍ଷକ ପରିବାରକୁ କୃତଜ୍ଞତା ଜ୍ଞାପନ କରିଥିଲେ । କପ୍ତିପଦା ବ୍ଲକ ଶିକ୍ଷକ ପରିବାର ତରଫରୁ ଏଇ ଭଳି ଦୁର୍ଘଟଣା ଗ୍ରସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସହାୟତା କରି ଆସୁଛି । ଅକାଳ ବିୟୋଗରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥାଏ ।

## ନିଖୋଜ ରୂପ ସିଂ ମାଝୀ ନିଖୋଜ ଘଟଣା ୧୧ ଦିନ ପରେ ପର୍ଦ୍ଦାଫାଶ କଲା ପୋଲିସ

ଜୁନାଗଡ, (ମହାଭାରତ ) : କଳମପୁର ଥାନା ଦେପୁର ଗାଁ ର ରୁପସିଂ ମାଝୀ ନିଖୋଜ ଘଟଣା ର ଆଜି ପର୍ଦ୍ଦାଫାଶ କରିଛି ପୋଲିସ । ଗୁଣି ଗାରେଡି ସନ୍ଦେହ ରେ ଗାଁ ର ଲିଙ୍ଗ ମାଝୀଙ୍କୁ ହତ୍ୟା କରି ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଅନ୍ତର୍ଗତ ଦେପୁର ଗାଁ ର ଆଁତରୁ ମାଝୀ ଗତ ୨୦ ତାରିଖ ସନ୍ଧ୍ୟାରୁ ନିଖୋଜ ହୋଇଥିବା ନେଇ ପରିବାର ପକ୍ଷରୁ କଳମପୁର ଥାନାରେ ଏତଲା ଦିଆ ଯାଇଥିଲା । ଏତଲା ଆଧାରରେ ପୋଲିସ ବହୁ ଖୋଜା ଖୋଜି ପରେ ମଧ୍ୟ କୌଣସି ସୂଚନା ପାଇଁ ନ ଥିଲା ଏହାକୁ ନେଇ ପରିବାର ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦେବା ସହିତ ସନ୍ଦେହ କରି ୩ ଜଣ ଯୁବକ ହତ୍ୟା କରିଥିବା ନେଇ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗ ହୋଇଥିବା ଯୁବକ ମାନଙ୍କୁ ଫୋନ କଲ ଟ୍ରେସ କରି ଖୋଜି ଥିଲା । ଏବଂ ଜଣ ଯୁବକ ଙ୍କୁ ହାଇଦ୍ରାବାଦ ରୁ ଗିରଫ କରି ପଚରା ଉଚରା କରିଥିଲା । ଗିରଫ ହୋଇଥିବା ଯୁବକ ସେହି ଗାଁ ର ଲିଙ୍ଗ ମାଝୀ ବୃଦ୍ଧ ଆତରୁ ଙ୍କୁ ଗୁଣିଗାରେଡି ସନ୍ଦେହ ରେ ନିଜେ ହତ୍ୟା କରିଥିବା ସ୍ୱୀକାର କରିଥିଲା । ଆଜି ହତ୍ୟାକରି ଯୁବକଙ୍କୁ ଆଣି ସିନରୀକ୍ରିଏସନ କରିଛି କ୍ଷ ବୃଦ୍ଧ ଙ୍କୁ ଧାରୁଆ ଅସ୍ତ୍ରରେ ମାରି ପୋଖରୀରେ ମୃତଦେହ କୁ ଲୁଚେଇ ଥିବା ଜଣା ପଡିବା ପରେ ଜୁନାଗଡ଼, ଜୟପାଟଣା ଏବଂ କଳମପୁର ପୋଲିସ ବଲାଙ୍ଗୀର ଓଡ୍ରାଫ ଟିମ ର ସାହାଯ୍ୟରେ ପୋଖରୀରେ ଭିତରୁ ବୃଦ୍ଧଙ୍କ ମୁଣ୍ଡ ବିହୀନ ମୃତଦେହ ଜବତ ହୋଇଥିବା ବେଳେ ମୁଣ୍ଡ କୁ ଖୋଜା ଚାଲିଛି କ୍ଷ ଗୁଣି ଗାରେଡି ସନ୍ଦେହରେ ଯୁବକ ଲିଙ୍ଗ ମାଝୀ ବୃଦ୍ଧ ରୂପ ସିଙ୍ଗ ମାଝୀଙ୍କୁ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି ।

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ଦେବଗଡ଼ ଗସ୍ତ



ଦେବଗଡ, (ମହାଭାରତ ) : ବୁଧବାର ଦିନ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାନ୍ୟବର ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ ଦେବଗଡ଼ ଗସ୍ତ ରେ ଆସି ଜିଲ୍ଲାପାଳ ଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାର କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଉପରେ ସମୀକ୍ଷା କରିବା ସହ ପ୍ରକଳ୍ପ ସମ୍ପର୍କ ରେ ଅଧିକାରୀ ମାନଙ୍କୁ ପଚାରି ବୁଝିଥିଲେ । ସମୀକ୍ଷା ବୈଠକରେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପୂଜାରୀ ସେତୁବନ୍ଧ ଯୋଜନା, ନୂତନ ରାସ୍ତା ନିର୍ମାଣ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ପାନୀୟ ଜଳ, ପାଇପ ଜଳ ଯୋଗାଣ ଯୋଜନା, ଏବଂ ପରିମଳ, ବଜେଟ ଉନ୍ନତି, ସାମଗ୍ରୀକ ପ୍ରକଳ୍ପ ବିବରଣୀ, ଅମୃତ ଜି ଆଇ ଏସ ଆଧାରିତ ମାଷ୍ଟର ପ୍ଲାନ, ଅନ୍ତରଦ୍ୱୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଲକ୍ଷ୍ୟପତି ଦିଦି, ଅଟଳ ପେନସନ ଯୋଜନା, ନୂତନ ରାସନ କାର୍ଡ ବଣ୍ଟନ, ସୁଭଦ୍ରା ଯୋଜନା, ପୋଷଣ ୨.୦, ହିତାଧିକାରୀ ମାନଙ୍କ ପାଇଁ ନୂତନ ରାସନ କାର୍ଡ, ଧାନ ସଂଗ୍ରହ, ପିଡିଏସ ର ଇ କେୟାସି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା, ଆଦିବାସୀ ଛାତ୍ରଛାତ୍ରୀ ପାଇଁ ଖେଳ ପଡିଆ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ମୋ ପୋଖରୀ, ଆଦିବାସି ସଂସ୍କୃତି ଭବନ, ଆଦିବାସୀ ପିଲାଙ୍କ ପାଇଁ ଛାତ୍ର ।ବାସ, ଜଙ୍ଗଲ ଅଧିକାର, ନୂତନ ପ୍ରକଳ୍ପ ମଞ୍ଜୁର, ଛାତ୍ର ବୃତ୍ତି ବଣ୍ଟନ, ଉଦ୍ୟାନ କୃଷି କାର୍ଯ୍ୟାଳାପ, ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ, ପ୍ରଯୁକ୍ତି ବିଦ୍ୟା ର ପ୍ରଶିକ୍ଷଣ ଓ ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରିଥିଲେ । ପରେ ପରେ ହାଇଟେକ ସର୍ଭେ କାର୍ଯ୍ୟକ୍ରମ ର ସମୀକ୍ଷା କରିଥିଲେ । ସମୀକ୍ଷା ବୈଠକରେ ମାନ୍ୟବର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଅଧ୍ୟକ୍ଷ ଜିଲ୍ଲାପରିଷଦ କୌଶିକ କୁମାର ପ୍ରଧାନ, ନିର୍ଦ୍ଦେଶକ ଲ୍ୟାଣ୍ଡ ରେକର୍ଡ ସର୍ଭେ ନିଗମାନନ୍ଦ ପଣ୍ଡା, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଜିଲ୍ଲା ବନଖଣ୍ଡ ଅଧିକାରୀ ମଗର ଧନଜୀ ରାଓସ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଉପାଧ୍ୟକ୍ଷା ଜିଲ୍ଲାପରିଷଦ ବର୍ଷାରାଣୀ ମୁଣ୍ଡା, ସାଂସଦ ଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜୁଳି, ଘଡଘଡି ପୂର୍ବାନୁମାନ ସଚେତନତା ରଥ ଶୁଭାରମ୍ଭ



ରାୟଗଡ, (ମହାଭାରତ ) : ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ବିଜୁଳି, ଘଡଘଡି ପ୍ରତି ସଚେତନ ହେବା ନିମନ୍ତେ ଏକ ପ୍ରଚାର ରଥକୁ ରାୟଗଡ ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ରାୟଗଡ ଜିଲ୍ଲାର ସମସ୍ତ ବ୍ଲକର ସମସ୍ତ ଗ୍ରାମ ପଂଚାୟତ ଓ ପୋ ?ରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବା ସହ ସାମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ଘଡଘଡି, ବିଜୁଳି ସମୟରେ କିପରି ନିଜକୁ ସୁରକ୍ଷିତ ରଖିହେବ ତାହା ଉପରେ ଲୋକଙ୍କୁ ବୁଝାଇ ପ୍ରଚାର କରିବ । ରାୟଗଡ ଜିଲ୍ଲାର ଭୌଗଳିକ ସ୍ଥିତିରେ ବାରମ୍ବାର ବଜ୍ରପାତ ଘଟୁଥିବା ସମୟରେ ଜିଲ୍ଲାର ସମସ୍ତ ଜଣ ସାଧାରଣଙ୍କୁ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ ହେବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଆଜିର ଏହି ଉଦଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର,ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହୋତା, ଉପ ଜିଲ୍ଲାପାଳ, ରାୟଗଡ ରମେଶ କୁମାର ଜେନା, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମନୋଜ କୁମାର ନାହାକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲାର ସମସ୍ତ ତହସିଲଦାର, ଗ୍ରନ୍ଥାଗାରିକ ଡମ୍ବରୁ ଧର ପଣ୍ଡା, ସୁଭାଷ କେର୍କେଟା, ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟିକୁ ରାଜେନ୍ଦ୍ର ଦୋରା, ରଞ୍ଜିତ ପିରିବାକା, ଚନ୍ଦ୍ରଶେଖର ଗୁଡ଼ଲା ପ୍ରମୁଖ ପରିଚାଳନା କରିଥିଲେ ।

## ଯୁବକ ସଂଘ' ପକ୍ଷରୁ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ

ପାରାଦୀପ, (ମହାଭାରତ ) : ପାରାଦୀପ ର ବାଉରିଆପାଳନ୍ଦା ଠାରେ 'ସାରନା ମାରସାଲ ଯୁବକ ସଂଘ' ପକ୍ଷରୁ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ଦୁଇଦିନ ଧରି ଚାଲିଥିବା ବେଳେ ଏଥିରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୧୬ ଟି ଟିମ୍ ଭାଗନେଇଥିଲେ । ଟୁର୍ଣ୍ଣାମେଣ୍ଟରେ ମ୍ୟାଚ ଗୁଡିକ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ସମସ୍ତ ଟିମ୍ କୁ ପଛରେ ପକାଇ କେଉଁଝର ଟିମ ବିଜୟୀ ଏବଂ ମୟୁରଭଞ୍ଜ ଟିମ ରନର୍ସପ ହୋଇଥିଲା । ବିଜୟୀ ଟିମ କୁ ୨୧ ହଜାର ଓ ରନର୍ସପ ଟିମ କୁ ୧୭ ହଜାର ଟଙ୍କା ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଏକ ଉତ୍ସବରେ ଆଦିବାସୀ ସମ୍ପ୍ରଦାୟ ର ସମସ୍ତ ଯୁବକ, ବସ୍ତିବାସିନ୍ଦା ଓ ସଂସାଙ୍ଗବାହା ଲେଡ଼ିଜ ଗ୍ରୁପ ସହଯୋଗରେ ବାଦ୍ୟ ଓ ନୃତ୍ୟ ଗୀତର ତାଳେ ତାଳେ ଅତିଥି ମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟନୀ ଉତ୍ସବରେ ଡକ୍ଟର ପ୍ରସନ୍ନ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ଦିନର ଉଦଯାପନୀ ଉତ୍ସବରେ ଅତିଥିଭାବେ ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ, କୋଷ୍ଟ ଗାର୍ଡ କମାଣ୍ଡାଣ୍ଟ ମଦନ ମୋହନ



ମାର୍ଡି, ଡେପୁଟି କମାଣ୍ଡାଣ୍ଟ ଚନ୍ଦ୍ର ହାଁସଦା, ସମାଜସେବୀ ଆଶୁତୋଷ ସ୍ୱାଇଁ, ଆଡ଼ଭୋକେଟ ଦେବବ୍ରତ ସାହୁ, ପାରିଷଦ ବନିତା ରାଉତ ଓ ସମ୍ପର୍କ ସ୍ୱେଚ୍ଛାସେବୀ ସଂଗଠନର ସଭାପତି ଉଜ୍ୱଳ ଗୋଲଦାର ପ୍ରମୁଖ ଯୋଗଦେଇ ଖେଳାଳି ତଥା ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ପରିଶେଷରେ ଅତିଥିମାନେ ଆୟୋଜକଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିବା ସହିତ ଏହା ଏକ ଖେଳ ମାତ୍ର ଏଥିରେ ହାର୍ ଜିତ୍ ଥାଏ,ଏହି ଖେଳ ମାଧ୍ୟମରେ ବନ୍ଧୁତା ଓ ଭାଇଚାରା ବଜାୟ ରଖିବା ସହ ଆଗାମୀ ଦିନରେ କିପରି ଓଡିଶାର ସମସ୍ତ ଜିଲ୍ଲା ଭାଗ ନେବ ଏବଂ ରାଜ୍ୟସ୍ତରୀୟ ହୋଇପାରିବ ଏ ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବା ସହିତ ସଦାସର୍ବଦା ଆଦିବାସୀ ଭାଇ ଭଉଣୀଙ୍କ ସହିତ ରହିବେ ବୋଲି ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

## ସାମ୍ବାଦିକଙ୍କ ଉପରେ ଆକ୍ରମଣର ପ୍ରତିବାଦ କରି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ମାଲକାନଗିରି, (ମହାଭାରତ ) : ବଲାଙ୍ଗୀର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ବିଜୟ ପ୍ରଧାନ ଜଣେ ଠିକାଦାରଙ୍କ ଦ୍ୱାରା ଅତ୍ୟନ୍ତ ନିମ୍ନ ମାନର ରାସ୍ତା ନିର୍ମାଣ କରିଥିବା ଦୁର୍ନୀତିର ପର୍ଦ୍ଦାଫାଶ କରି ଖବର ପ୍ରସାରଣ କରିଥିବାରୁ,ଉକ୍ତ ଠିକାଦାରଙ୍କ ଦ୍ୱାରା ତାଙ୍କୁ ମାଡ଼ ମରାଯିବା ଘଟଣା ର ପ୍ରତିବାଦ କରି, ଆଜି ଓଡ଼ିଶା ସାମ୍ବାଦିକ ୟୁନିୟନର ସଭାପତି ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ, ଦୋଷୀ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବିକରବା ସହିତ, ଅତି ଶୀଘ୍ର ଓଡ଼ିଶାରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଏବଂ ସାମ୍ବାଦିକ ମାନଙ୍କର ପେନସନ ଓ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟ ଗୁଡ଼ିକ ପରି ସାମ୍ବାଦିକ ମାନଙ୍କର ଅନ୍ୟାନ୍ୟ ସୁଯୋଗ ସୁବିଧା ଯୋଗାଇଦେବା ଦାବି ନେଇ ଆଜି ଓଡ଼ିଶାର ତିରିଶ ଗୋଟି ଜିଲ୍ଲାର ଓଡ଼ିଶା ୟୁନିୟନ ଅଫ୍ ଜର୍ଣାଲିଷ୍ଟିସ ର ପ୍ରତ୍ୟେକ ଜିଲ୍ଲା ୟୁନିଟ ତରଫରୁ, ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳମାନଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ମାଲକାନଗିରି ଜିଲ୍ଲାରେ ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ମାଲକାନଗିରି ୟୁନିୟନ ଅଫ୍ ଜର୍ଣାଲିଷ୍ଟିସର ସଭାପତି ଦେବପ୍ରସାଦ ଦାସ ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ପ୍ରଦାନ କରିଛନ୍ତି । ତାଙ୍କ ସହିତ ଉପ ସଭାପତି ସତ୍ୟନାରାୟଣ ପଣ୍ଡା, ସହ ସମ୍ପାଦକ ଅସୀମ ବିଶ୍ୱାସ ଓ ରେବେଲ ପ୍ରକାଶ, ବ୍ଲକ ସଭାପତି ଶିବପ୍ରସାଦ କୀର୍ତ୍ତନୀୟା, ଏ ଈଶ୍ୱର ରାଓ, ଦୁଃଶାସନ ମହାପାତ୍ର, ଗୋବିନ୍ଦ ମଣ୍ଡଳ,ଅରୁଣ ଏବଂ ବିକ୍ରମ କେଶରୀ ପାଢ଼ୀ ଉପସ୍ଥିତ ଥିଲେ । ଏହାପରେ ସମସ୍ତ ସଦସ୍ୟ ମାନେ ମାଲକାନଗିରି ଜିଲ୍ଲାପାଳଙ୍କୁ ଏହି ଜିଲ୍ଲାର ବିଭିନ୍ନ ସମସ୍ୟା ଗୁଡିକ ବିଷୟରେ ଅବଗତ କରାଇଥିଲେ । ଯଥା ବାଲିମେଳା ସହରର ବିଭିନ୍ନ ଛକରେ ମଦ ଏବଂ ଗଞ୍ଜେଇ ମାଫିଆ ମାନଙ୍କ ଉପଦ୍ରବ, ବାଲିମେଳା ଜଗନ୍ନାଥ ମନ୍ଦିରରେ ବିଭିନ୍ନ ଅସାମାଜିକ ଲୋକମାନଙ୍କ ଉପଦ୍ରବ ଓ ନିଶାଦ୍ରବ୍ୟ ସେବନ । ମାଲକାନଗିରି ସହରର ବିଭିନ୍ନ ସ୍କୁଲ ଗୁଡିକରେ ସନ୍ଧ୍ୟା ପରେ ମଦୁଆ ଓ ଜୁଆଡି ମାନଙ୍କ ଆଡ୍ଡାସ୍ଥଳୀ ପାଲଟି ଯିବା ଇତ୍ୟାଦି ସହିତ ମୋଟୁ ଠାରୁ କାଳିମେଳା, ପଡ଼ିଆ ଠାରୁ ସିଖାପାଲ୍ଲୀ ଏବଂ ଅନ୍ୟାନ୍ୟ ରାସ୍ତାଘାଟର ମରାମତି ଓ ଉନ୍ନତିକରଣ,ବିଭିନ୍ନ ବ୍ରିଜ ଗୁଡ଼ିକୁ ଯଥାଶୀଘ୍ର ନିର୍ମାଣ କରିବା, ଟ୍ରାଫିକ ସମସ୍ୟା, ସ୍କୁଲ କଲେଜ ଗୁଡିକର ବିଭିନ୍ନ ସମସ୍ୟା ଆଦି । ଏଥିସହିତ ସାମ୍ବାଦିକ ମାନେ ରେଳପଥ ନିର୍ମାଣ ଓ ବିମାନ ଉଡାଣ ଅଗ୍ରଗତି ବିଷୟରେ ପଚାରି ବୁଝିଥିଲେ । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଉପରୋକ୍ତ ସମସ୍ୟା ଗୁଡିକର ସମାଧାନ ନିମନ୍ତେ ତାଙ୍କର ପ୍ରୟାସ ଜାରି ରଖିଛନ୍ତି ଏବଂ ଅତି ଶୀଘ୍ର ସବୁ ସମସ୍ୟା ର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ସମସ୍ତଙ୍କୁ ଆଶ୍ୱାସନା ଦେଇଥିଲେ ।

## କେନ୍ଦୁପଦରରେ ଚୋରି ଅଭିଯୋଗ

ଆସିକା, (ମହାଭାରତ ) : କୋଟିନଡ଼ା ଥାନା ଅଧୀନ କେନ୍ଦୁପଦର ଗ୍ରାମରେ ଚୋରି ହୋଇଥିବା ଜଣାଯାଇଛି । ଅନାଦି ବିଶ୍ୱାଳଙ୍କ ଘର ବାରିପଟ କବାଟ ଭାଙ୍ଗି ଘରୁ ଗୋଟିଏ ସୁନା ଚେନ, ମୁଦି ସହ ନଗଦ ୩ହଜାର ଟଙ୍କା ଚୋରି ହୋଇଥିବା ଅନାଦି ବିଶ୍ୱାଳ ଆଜି କୋଟିନଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗ କୁ ଭିତ୍ତି କରି ଥାନା କେସ ନମ୍ବର ୧୮୩/୨୫ ରେ ମାମଲା ରଜୁକରି ଘଟଣାର ତଦନ୍ତ କାରି ଅଧିକାରୀ କୋଟିନଡ଼ା ଥାନା ଏସ ଆଇ ସତ୍ୟବ୍ରତ ସାହୁ ତଦନ୍ତ ଆରମ୍ଭ କରିଛନ୍ତି । ପ୍ରକାଶ ଥାଉକି କେନ୍ଦୁପଦର ଗ୍ରାମର ଅନାଦି ବିଶ୍ୱାଳ ନିଜ ଜଣେ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ କବିସୂର୍ଯ୍ୟନଗର ଗତ ସାତ ଦିନ ହେବ ଚାଲି ଯାଇଥିଲେ । ସେ ଆଜି ସକାଳେ ନିଜ ଗ୍ରାମ କେନ୍ଦୁପଦର ଫେରି ଘରେ ପଶି ଦେଖିଲା ବେଳକୁ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇ ସଙ୍ଗେ ସଙ୍ଗେ କୋଟିନଡ଼ା ଥାନାରେ ଅଭିଯୋଗ କରିଥିଲେ ।

## ବର୍ଷାରେ ଭାସିଗଲା କୁଜେଣ୍ଡି ନାଳ କାଠ ପୋଲ

ଫିରିଙ୍ଗିଆ, (ମହାଭାରତ ) : କନ୍ଧମାଳ ଜିଲାରେ ଗତ କିଛି ଦିନ ହେବ ଅଧିକାଂଶ ସ୍ଥାନରେ ବର୍ଷା ସାଙ୍ଗକୁ ଘଡ ଘଡି ଏବଂ ପ୍ରବଳ ପବନ ବହୁଛି ତେବେ ଏହି ଲଗାଣ ବର୍ଷାରେ ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ର କୁମେଲସିଂଙ୍ଗୁ ଓ ଡାଙ୍ଗାଣାମ ଗାଁ ନିକଟରେ ଥିବା କୁଜେଣ୍ଡି ନାଳର କାଠ ପୋଲ ଧୋଇ ହୋଇ ଯାଇଛି ଯାହା ଫଳରେ ଯାତାୟତ ବାଧା ପ୍ରାପ୍ତ ହୋଇଥିବା ବେଳେ ୨ ଟି ଓ୍ୱାର୍ଡ ର ୮ ରୁ ଉର୍ଦ୍ଧ ଗାଁ କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏହି ସମୂହ ୮ ଖଣ୍ଡ ଗ୍ରାମବାସୀ ଚାନ୍ଦା କରି ଏବଂ ଶ୍ରମ ଦାନ କରି ପ୍ରତିବର୍ଷ ଏହି ନାଳ ରେ କାଠ ପୋଲ ନିର୍ମାଣ କରୁଛନ୍ତି କିନ୍ତୁ ପ୍ରତିବର୍ଷ ବର୍ଷା ଦିନ ଆସିଲେ କାଠ ପୋଲ ଧୋଇ ହେବା ଦ୍ୱାରା ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଯାତାୟତ ବାଧାପ୍ରାପ୍ତ ହେବା ସହ ଜରୁରୀ ପରିସ୍ଥିତି ରେ ମେଡିକାଲ କିମ୍ବା ଅନ୍ୟ ସମସ୍ୟାରେ ଅସୁବିଧା ହେଉଥିବା ବେଳେ ପୂର୍ବରୁ ସ୍ୱାସ୍ଥ୍ୟ ସେବା



ନ ପାଇ ଅସହାୟ ଜନସାଧାରଣ ମୃତ୍ୟୁ ମୁଖରେ ପଡ଼ିଥିବା ଭଳି ନଜିର ରହିଛି । ଏହି କୁଜେଣ୍ଡି ନାଳରେ ପୋଲ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ଅଞ୍ଚଳ ବାସୀ ପ୍ରଶାସନ କୁ ଗୁହାରି କରିବା ସହ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଗୋଷ୍ଠୀ ଉର୍ଣ୍ଣୟନ ଅଧିକାରୀ, କନ୍ଧମାଳ ଜିଲ୍ଲାପାଳ ଏବଂ ଏମିତିକି ମୁଖ୍ୟ ମନ୍ତ୍ରୀ ଙ୍କ ନିକଟରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ । ବର୍ତ୍ତମାନ ଲୁଇସିଂ ପଞ୍ଚାୟତ ର ୨ ଟି ଓ୍ୱାର୍ଡର ଉପର ଡାଙ୍ଗାଣାମ, ତଳ ଡାଙ୍ଗାଣାମ, ଲାକାଶ୍ରୀ, ବୁଗେରୀ ମାସ୍କା, ମାନ ପଦର, କଟଡି ସିଲା, ଟୁକୁ ପଦର, ଭଳି ଆଠଟି ଗାଁର ଲୋକଙ୍କ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଯାତାୟତ ରେ ବାଧାପ୍ରାପ୍ତ ହୋଇଛି । ଏହି ଘଟଣା କୁ ନେଇଁ ସ୍ଥାନୀୟ ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଙ୍କୁ ଯୋଗାଯୋଗ କରିବାରୁ ପୂର୍ବରୁ ପୋଲ ନିର୍ମାଣ ପାଇଁ ଅଭିଯୋଗ କରିଛନ୍ତି ଆମ ତରଫରୁ ଲିଖିତ ଭାବରେ ଆମେ ଜିଲ୍ଲାପାଳ ଙ୍କୁ ଜଣାଇଛୁ ସେହି ନାଳ ରେ ଅଧିକ ଟଙ୍କା ଖର୍ଚ୍ଚ ର ଆବଶ୍ୟକତା ରହିଛି ଯାହାକି ବ୍ଲକ ତରଫରୁ ଦେବା ଅସମ୍ଭବ ତେଣୁ ଅନ୍ୟ ବିଭାଗ ଦ୍ୱାରା ମଞ୍ଜୁର କରାଯାଇ କିଭଳି ପୋଲ ନିର୍ମାଣ ହୋଇ ପାରିବ ସେ ନେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ତେବେ ତୁରନ୍ତ ଏହି କୁଚେଣ୍ଡି ନାଳ ରେ ପୋଲ ନିର୍ମାଣ କରିବାକୁ ୮ ଖଣ୍ଡ ଗ୍ରାମ ବାସୀଙ୍କ ସହ ଅଞ୍ଚଳ ବାସୀ ଦାବୀ କରିଛନ୍ତି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ପଣ୍ଡିତ ଜହାବାରଲାଲ ନେହେରୁଙ୍କ ମହାପ୍ରୟାଣ ଦିବସ ପାଳିତ




ପାରାଦୀପ(ମହାଭାରତ): ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମହାପ୍ରୟାଣ ଦିବସ ପାରାଦୀପସ୍ଥିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି । ମଙ୍ଗଳବାର ସକାଳେ ବଡପଡିଆ ନିକଟସ୍ଥ କୁମ୍ଭୀର ପାର୍କ ପରିସରରେ ଥିବା ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତୀରେ ପାଲ୍ୟାର୍ପଣ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏଥି ସହିତ ପାରାଦୀପ ନଗର କଂଗ୍ରେସ୍ କାର୍ଯ୍ୟାଳୟଠାରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜବାହାରଲାଲ ନେହେରୁ ଟ୍ରଷ୍ଟର ସଭାପତି ସରୋଜ କୁମାର ପ୍ରଧାନ, ନଗର କଂଗ୍ରେସ୍ ସଭାପତି କେଦାର ବିଶ୍ୱାଳ, ଜଗନ୍ନାଥ ଶତପଥୀ, ତ୍ରିନାଥ ମହାନ୍ତି, କୃପାସିନ୍ଧୁ ଦାସ, ସଂଜୟ ମୁଦୁଲି, ସୁଶାନ୍ତ ବାରିକ, ବିଜୟ କୁମାର ସେଠୀ, ସୁନାକର ସେଠୀ ପ୍ରମୁଖ ଯୋଗ ଦେଇ ପଣ୍ଡିତ ନେହେରୁଙ୍କ ଦେଶଭକ୍ତି, ତ୍ୟାଗ ଓ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ ।

## ଗ୍ରାମ ମୁରବୀଙ୍କ ହୃଦଘାତରେ ପରଲୋକ

ପାରାଦୀପ(ମହାଭାରତ): ପାରାଦୀପଗଡ ପଂଚାୟତ ଅନ୍ତର୍ଗତ ନିମିଢି ଗ୍ରାମର ମୁରବୀ ସାରଙ୍ଗଧର ନାୟକଙ୍କ ୮୬ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି । ମଙ୍ଗଳବାର ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ତାଙ୍କୁ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶ୍ରୀନାୟକଙ୍କ ମୃତ୍ୟୁ ଖବର ଜଣା ପଡିବା ପରେ ନିମିଢି ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା । ଖବର ପାଇ ପାରାଦୀପ ବିଧାୟକ ତଥା ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସ୍ୱର୍ଗତ ନାୟକଙ୍କ ବାସଭବନରେ ପହଂଚି ପରିବାରକୁ ଶାନ୍ତ୍ୱନା ଦେବା ସହିତ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ମୁରବୀ ପରି ସେନାପତି, ଚରଣ ପୃଷ୍ଟି, ଆଇନଜୀବୀ ସଂଜୟ କୁମାର ବେହେରା, ପ୍ରହଲ୍ଲାଦ ବେହେରା, ହାଡିବନ୍ଧୁ ନାୟକଙ୍କ ସମେତ ପାରାଦୀପ ଓ କୁଜଙ୍ଗ ଅଂଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତି ସ୍ୱର୍ଗତ ନାୟକଙ୍କ ବାସଭବନରେ ପହଂଚି ସମବେଦନା ଜଣାଇଥିଲେ । ଗ୍ରାମ୍ୟ ଶ୍ମଶାନରେ ଜ୍ୟେଷ୍ଠପୁତ୍ର ତଥା ଶ୍ରମିକନେତା ଗୋଲକ ଚନ୍ଦ୍ର ନାୟକ(ଗୋଲି) ମୁଖାଗ୍ନୀ ଦେଇଥିଲେ ।

## ରେଙ୍ଗାଭାଟି ଠାରେ କୃଷକ ସମ୍ମିଳନୀ ଅନୁଷ୍ଠିତ




ନବରଙ୍ଗପୁର ଜିଲ୍ଲା(ମହାଭାରତ)ରାଇଘର ବ୍ଲକର ରେଙ୍ଗାଭାଟି ଠାରେ ଆଜି କାବେରୀ ବିହନ କମ୍ପାନୀ ପକ୍ଷରୁ ଏକ ପ୍ରଗତିଶୀଳ କୃଷକ ସମ୍ମିଳନୀ କରାଯାଇଛି । ଏହି ସମ୍ମିଳନୀରେ ରେଙ୍ଗାଭାଟି ତଥା ଆଖପାଖ ଅଂଚଳର ଶତାଧିକ କୃଷକ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା ।ଏହି ସମ୍ମିଳନୀର ଆୟୋଜକ ବ୍ଲକ ମ୍ୟାନେଜର ଅସୀମ କୁମାର ରାୟ ଉତ୍କଳ ରାୟ ଓ କୋମଳ ବାକଚି କ୍ଷେତ୍ର ଉପସ୍ଥିତ ରହି ଚାଷୀ ମାନଙ୍କୁ ଉତ୍ସାହିତ କରିବାପାଇଁ କାବେରୀ ବିହନକମ୍ପାନୀ ତରଫରୁ ନାଚ ଗୀତ ଏବଂ ଘରେ ବେବହାର କରିବା ସାମାନ ମୁଗ, ବାଲ୍ଟି, ତୋଗାଡ଼ି, ଆମ୍ବଗଛ, ସ୍ତ୍ରୀ ମେସିନ୍, ଓ ଗାମୁଛାଦେଇ ଉତ୍ସାହିତ କରାଯାଇଥିଲା ।ଏବଂ କାବେରୀ ବିହନ ବିଷୟରେ ପ୍ରାଞ୍ଜଳ ଭାବେ ବୁଝେଇଥିଲେ । ବର୍ତମାନ ପାଗରେ ବଡ଼ ପରିବର୍ତନ ହୋଇଥିବାରୁ ଚାଷୀ ଠିକରେ ଚାଷ କରି ପାରୁନି କେତେବେଳେ ବିହନରେ ଠକାମୀର ଶିକାର ହେଉଛି ତ ପୁଣି କେତେବେଳେ ଆବଶ୍ୟକ ମୁତାବକ ସାର କ୍ରୟ କରିପାରୁନି ଏମିତି ଚାଷୀ ସବୁବେଳେ କିଛି ନା କିଛି ସମସ୍ୟା ଦେଇ ଗତି କରୁଛି । ଆବଶ୍ୟକ ଠାରୁ ଅଧିକ ଟଙ୍କା ଖର୍ଚ୍ଚ କରି ମଧ ଭଲ ଅମଳ ପାଇ ପାରୁନାହାନ୍ତି ଫଳରେ ଚାଷୀ ସବୁବେଳେ କ୍ଷତି ସହି ଆସୁଛି ନବରଙ୍ଗପୁର ଜିଲ୍ଲାରେ ମକା ଚାଷ ଅଧିକ କରାଯାଉଥିବାରୁ କାବେରୀ କମ୍ପାନୀର ନୁଆ ମକା ବିହନର, ନମ୍ବ୍ୱର କେ ଏମ ହେଚ.୮୩୩.ଏ କେ ଓ ୨୨୮୮. ପ୍ରପିଟ୍ ଓ ଧାନର ନମ୍ବ୍ୱର ହେଲା ପି କେ ହେଛ ୪୭୧.ପି କେ ହେଛ.୯୦୯୦.ପି କେ ହେଛ ୪୭୫ ସବୁ ଠୋରୁ ଅଧିକ ଅମଳ ଓ ଅଜନ ହାର ବେଶୀ ହାଇଥାଏ । ଚାଷୀଙ୍କ ପାଇଁ ବେଶ ଲାଭଦାୟକ ହେବ ବୋଲି ଉଭୟେ ବୁଝେଇବା ସହିତ କବେରି କମ୍ପାନୀ ବିହନ ବ୍ୟବହାର କରିବା ପାଇଁ ଅସୀମ ରୟା ପରାମର୍ଶ ଦେଇଥିଲେ ।

## ଜିଲ୍ଲା ଭାଜପା ପଛୁଆ ବର୍ଗ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

କରଞ୍ଜିଆ, (ମହାଭାରତ) ପଶ୍ଚିମ ମୟୁରଭଞ୍ଜ ରାଇରଙ୍ଗପୁର ଭାଜପା ସାଙ୍ଗଠନିକ ଜିଲ୍ଲା ଓବିସି ମୋର୍ଚ୍ଚା ପକ୍ଷରୁ ଠାକୁରମୁଣ୍ଡା ଠାରେ ଏକ ସାମ୍ବାଦିକ ଙ୍କ ସମ୍ମିଳନୀ ମଙ୍ଗଳବାର ଦିନ ଆୟୋଜିତ ହୋଇ ଯାଇଛି ।ରାଜ୍ୟ ଭାଜପା ସରକାର ଙ୍କ ପକ୍ଷରୁ ଓଡ଼ିଶା ରେ ପ୍ରଥମ ଥର ପାଇଁ ପଛୁଆ ବର୍ଗ ଙ୍କ ପାଇଁ ଶିକ୍ଷାନୁଷ୍ଠାନ ରେ ସଂରକ୍ଷଣ ସୁବିଧା ପ୍ରଦାନ କରିଥିବାରୁ ରାଜ୍ୟ ସରକାର ଙ୍କୁ ଧନ୍ୟବାଦ ଦେବା ପାଇଁ ଖବରଦାତା ସମ୍ମିଳନୀ ର ଆୟଜନ କରାଯାଇଥିଲା । ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ବିଜୁ ଗୋପାଳ ଗୋପ ଙ୍କ ଉପସ୍ଥିତି ରେ ,ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ଯୋଗେନ୍ଦ୍ର ନାଥ ମହାନ୍ତ, ଜିଲ୍ଲା ଭାଜପା ର ପୂର୍ବତନ ସଭାପତି କୃପାସିନ୍ଧୁ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ କୁମାର ମହାନ୍ତ,ଠାକୁରମୁଣ୍ଡା ବ୍ଲକ ଉପାଧକ୍ଷ ସନ୍ତୋଷ କୁମାର ମହାନ୍ତ ଉପସ୍ଥିତ ଥିଲେ ।

## କେ.ଟି.ଏମ ଧକ୍କାରେ ସ୍କୁଟି ଆରୋହୀ ମୃତ

ବ୍ୟାସନଗର(ମହାଭାରତ) : ବ୍ୟାସନଗର ସହରର ଚନ୍ଦମା ଛକ ନିକଟରେ ମଙ୍ଗଳବାର ଅପରାହ୍ନ ରେ ଏକ କେ.ଟି.ଏମ ମଟର ସାଇକଲ ଧକ୍କା ଦେବାରୁ ଜଣେ ସ୍କୁଟି ଆରୋହୀ ଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି କୋରେଇ ଥାନା କହ୍ନେଇପୁର ଅଞ୍ଚଳର ଅମୂଲ୍ୟ ପାଣି । ସୂଚନା ମୁତାବକ ଅମୂଲ୍ୟ ଏକ ସ୍କୁଟି ରେ ଚନ୍ଦମା ରୁ ଘରକୁ ଫେରୁଥିବା ବେଳେ ମୁଖ୍ୟ ରାସ୍ତା କୁ ବାହାରୁଥିବା ସମୟରେ ସହର ଭିତରୁ ରଗଡି ପଟକୁ ଦ୍ରୁତ ଗତିରେ ଆସୁଥିବା କେ.ଟି.ଏମ ଚାଳକ ଯୁବକ ମୟୁରଭଞ୍ଜ ସାତକୋଶିଆ ଅଞ୍ଚଳର ଗଣେଶ ନାୟକ ତାଙ୍କୁ ସମ୍ମୁଖ ପଟରୁ ଜୋର୍ ରେ ଧକ୍କା ଦେଇଥିଲେ । ଫଳରେ ଅମୂଲ୍ୟ ଗୁରୁତର ଭାବେ ଆହତ ହୋଇଥିଲେ । ଘଟଣା ସ୍ଥଳରେ ଯାଜପୁର ରୋଡ ଅଗ୍ନିଶମ ଆମ୍ବୁଲାନ୍ସ ପହଞ୍ଚି ଆହତ ଦ୍ୱୟ ଙ୍କୁ ତୁରନ୍ତ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ଅମୂଲ୍ୟ ଙ୍କୁ ମୃତ ଘୋଷଣା କରିଛନ୍ତି । ଖବର ପାଇ କୋରେଇ ପୁଲିସ ଦୁର୍ଘଟଣା ସ୍ଥଳରେ ଅନୁସନ୍ଧାନ ଆରମ୍ଭ କରିଛି ।

## ବଢୁଛି ଅପପୁଷ୍ଟି ଶିଶୁ ହାର

# ୧୫ ଦିନରେ ଚିହ୍ନଟ ହେଲେଣି ୧୮ ଶିଶୁ : ଦିଗହରା ହୋଇଛି ଯୋଜନା



ଦଶପଲ୍ଲା, ( ମହାଭାରତ ) : ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ପଞ୍ଚାୟତର ଉପାନ୍ତ ଅଞ୍ଚଳରେ ଦିନକୁ ଦିନ ବଢୁଛି ଅପପୁଷ୍ଟି ଶିଶୁଙ୍କ ହାର । ୧୫ ଦିନ ମଧ୍ୟରେ ଦଶପଲ୍ଲା ବ୍ଲକର ଦୁଡ଼ା, ବାଣିଗୋଛା ଓ କୁଜାମେଣ୍ଢି ପଞ୍ଚାୟତର ୭ ଗୋଟି ଅଙ୍ଗନବାଡ଼ି କେନ୍ଦ୍ରରେ ୧୮ ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇଥିବା ତଥ୍ୟ ସାମ୍ନାକୁ ଆସିଛି । ଏସବୁ ଶିଶୁଙ୍କ ମଧ୍ୟରେ ମାତ୍ର ୪ ଜଣ ଶିଶୁ ନୟାଗଡ଼ ସ୍ଥିତ ପୁଷ୍ଟି ପୁନର୍ବାସ ସଂସ୍ଥା ବା ଏନ୍‌ଆରସିରେ ଭର୍ତ୍ତି ହୋଇଥିବା ବେଳେ ୨ ଜଣ ଶିଶୁଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି । ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କରେ ଆରବିଏସ୍କେ ପକ୍ଷରୁ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କାରଯାଉଛି । ଯେଉଁଥିରେ ଦୁଡ଼ା ପଞ୍ଚାୟତର ବାଇଝରୀ ଅଙ୍ଗନବାଡ଼ି କେନ୍ଦ୍ରରେ ୩ ଜଣ, ଶିରିଶିରା ଅଙ୍ଗନବାଡ଼ିରେ ୩ ଜଣ, କୁଜାମେଣ୍ଢି ପଞ୍ଚାୟତର କୁଜାମେଣ୍ଢି ଅଙ୍ଗନବାଡ଼ି କେନ୍ଦ୍ରରୁ ୩ ଜଣ, କୁମ୍ଭିକିଳା ଅଙ୍ଗନବାଡ଼ି କେନ୍ଦ୍ରରୁ ୨ ଜଣ, ବାଣିଗୋଛା ପଞ୍ଚାୟତର ବଡାଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ୩ ଜଣ, ନେଫାରୀ ଅଙ୍ଗନବାଡ଼ି କେନ୍ଦ୍ରରେ ୨ ଜଣ ଓ ବନ୍ଦରସାହି ଅଙ୍ଗନବାଡ଼ି କେନ୍ଦ୍ରରେ ୨ ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି । ଶିଶୁଙ୍କ ବୟସ ଅନୁପାତରେ ଉଚ୍ଚତା ଓ ଓଜନକୁ ତୁଳନା କରାଯାଇ ଅପପୁଷ୍ଟି ଚିହ୍ନଟ କରାଯାଇଥାଏ । ଏସବୁ ଶିଶୁ ଚିହ୍ନଟ ହେବାପରେ କୁଜାମେଣ୍ଢି ଅଙ୍ଗନବାଡ଼ି କେନ୍ଦ୍ରର ୩ ଜଣ ଓ କୁମ୍ଭିକିଳା ଅଙ୍ଗନବାଡ଼ି କେନ୍ଦ୍ରର ଜଣେ ଶିଶୁ କେବଳ ନୟାଗଡ଼ ସ୍ଥିତ ଏନ୍‌ଆରସିରେ ଭର୍ତ୍ତି ହୋଇଛନ୍ତି । ହେଲେ ଏସବୁଙ୍କ ମଧ୍ୟରେ ୨ ଜଣ ଶିଶୁଙ୍କ ଅବସ୍ଥା ଗୁରୁତର ଥିବା ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି । ଯେଉଁଥିରେ ଶିରିଶିରାର ଜଣେ ଓ କୁମ୍ଭିକିଳାର ଜଣେ ଶିଶୁ ରହିଥିବା ସୂଚନା ମିଳିଛି । ମୁଖ୍ୟତଃ ରାଜ୍ୟରୁ ଶିଶୁ ମୃତ୍ୟୁହାର ଦୂର କରିବା ପାଇଁ ସରକାରୀ ସ୍ତରରେ ନାନା ପଦକ୍ଷେପ ଗ୍ରହଣ କରାଯାଉଛି । ନୟାଗଡ଼ ଜିଲ୍ଲାର ୮ ଗୋଟି ବ୍ଲକ ତୁଳନାରେ ଦଶପଲ୍ଲା ବ୍ଲକର ଅନେକ ପଞ୍ଚାୟତ ଆଦିବାସୀ ବହୁଳ ତଥା ଅନୁନ୍ନତ ଅଞ୍ଚଳ ରହୁଥିବା ହେତୁ ବିଭାଗୀୟ ଅଧିକାରୀଙ୍କ ପରିଚାଳନାଗତ ତ୍ରୁଟିକୁ ନେଇ ହିତାଧିକାରୀଙ୍କ ନିକଟରେ ସେସବୁ ଯୋଜନା ଅପହଞ୍ଚ ହୋଇ ରହୁଛି । ବଡ଼କଥା ହେଉଛି ଅପପୁଷ୍ଟି ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଚାଲୁ ରହିଛି । ଯେଉଁ ଶିଶୁ ଏନ୍‌ଆରସିରେ ଭର୍ତ୍ତି ନହେବେ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି । ୧୨୦ ଦିନ ପର୍ଯ୍ୟନ୍ତ ଅଙ୍ଗନବାଡ଼ି କର୍ମୀଙ୍କ ତ□ାବଧାନରେ ଶିଶୁକୁ ଦୈନିକ ଶହେ ଗ୍ରାମର ପୁଷ୍ଟିକର ଛତୁଆ ସାଙ୍ଗକୁ ଗୋଟିଏ ଅଣ୍ଡା ଖୁଆଯିବ । ପ୍ରତ୍ୟେକ ସପ୍ତାହରେ ଏହାକୁ ଆଶା ଓ ସ୍ୱାସ୍ଥ୍ୟକର୍ମୀ ତଦାରଖ କରିବାର ନିୟମ ରହିଛି । ହେଲେ ଦଶପଲ୍ଲା ବ୍ଲକରେ ଏହି କାର୍ଯ୍ୟକ୍ରମ ଦିଗହରା ପାଲଟିଥିବା ମନେ ହେଉଛି । କେବଳ କାଗଜପତ୍ରରେ ଯୋଜନାର କାର୍ଯ୍ୟକାରିତା ହେଉଥିବା ବେଳେ ୧୫ ଦିନରେ ୧୮ଜଣ ଶିଶୁ ଅପପୁଷ୍ଟି ଶିକାର ହେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ



ହିନ୍ଦୋଳ(ମହାଭାରତ)ହିନ୍ଦୋଳ ଗଣ୍ଡାନାଳୀ ରାଜସ୍ୱ ନିରୀକ୍ଷକ ଶଶି ଭୂଷଣ ବେହେରା ଏବଂ ବ୍ୟକ୍ତିଗତ ସହାୟକ ବିଷ୍ଣୁ ବଲ୍ଲଭ ଖଟୁଆ ୪ଟି ମ୍ୟୁଟେସନ କେସରେ ଆରଆଇ ଶଶୀଭୂଷଣ ବେହେରାଙ୍କ ଠାରୁ ୬୦ ହଜାର ଟଙ୍କା ଲାଭ ନେଉଥିବା ବେଳେ କାବୁ କଲା ଢେଙ୍କାନାଳ ଭିଜିଲାନ୍ସ ।ସୂଚନାଯୋଗ୍ୟ ଯେ, ୪ଟି ମ୍ୟୁଟେସନ କେସ୍ରେ ନେଉଥିଲେ ୬୦ ହଜାର ଟଙ୍କା ଲାଭ ଏବଂ ଅଭିଯୋଗ ପାଇ ଛକି ବସିଥିବା ଭିଜିଲାନ୍ସ ଜଣେ ରାଜସ୍ୱ ନିରୀକ୍ଷକଙ୍କୁ ଲାଭ□ ଟଙ୍କା ସହିତ କାବୁ କରିଛି । ଧରା ପଡିଥିବା ଏହି ସରକାରୀ ବାବୁ ଜଣଙ୍କ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ଅନ୍ତର୍ଗତ ଗଣ୍ଡାନାଳୀ ଆରଆଇ ଶଶୀଭୂଷଣ ବେହେରା । ଗଣ୍ଡାନାଳୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏହି ଟଙ୍କା ଲାଭ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରି ଗିରଫ କରିଛି । ଗିରଫ ଶଶୀ ଭୂଷଣ ବେହେରା ତାଙ୍କ ଅଫିସ ପିଅନ ମଧ୍ୟମରେ ରେ ଏହି ଟଙ୍କା ଲାଭ ନେଉଥିଲେ । ଫଳରେ ଭିଜିଲାନ୍ସ କର୍ମଚାରୀ ବିଷ୍ଣୁ ବଲ୍ଲଭ ଖଟୁଆଙ୍କୁ ମଧ୍ୟ ଗିରଫ କରିଛି ।ଗିରଫ ଆରଆଇ ଶଶୀଭୂଷଣଙ୍କ ଘର ଗଁନ୍ଦିଆ ଥାନା ଅନ୍ତର୍ଗତ ଖଙ୍କର ଗ୍ରାମରେ । କାବୁ କରିବା ପରେ ଭିଜିଲାନ୍ସ ପକ୍ଷରୁ ଗଣ୍ଡାନାଳୀ ଆରଆଇ ଅଫିସ, ହିନ୍ଦୋଳ ତହସିଲ ଅଫିସ ଓ ଶଶୀଭୂଷଣଙ୍କ ପୈତୃକ ଘର ଖଙ୍କର ଓ ଢେଙ୍କାନାଳ ସହରର ସତସଂଘ ବିହାର ସ୍ଥିତ ଭଡାଘର ଆଦି ଯାଞ୍ଚ କରୁଛି ଭିଜିଲାନ୍ସ । ଆରଆଇ ଶଶୀଭୂଷଣ ବେହେରା ବିଭିନ୍ନ ସରକାରୀ କାମରେ ଲାଭ ନିଅନ୍ତି ବୋଲି ଭିଜିଲାନ୍ସରେ ଅନେକ ଅଭିଯୋଗ ହୋଇଥିଲା । ତେବେ ନୂଆବଗ ଗ୍ରାମର ଅଷ୍ଟମୀ ସାହୁ ନାମକ ଜଣେ ବ୍ୟକ୍ତି ତାଙ୍କର ୪ଟି ଜାଗାର ମ୍ୟୁଟେସନ ପାଇଁ ଆବେଦନ କରିଥିଲେ । ମାତ୍ର ତାଙ୍କ ଠାରୁ ୬୦ ହଜାର ଟଙ୍କା ଲାଭ ଦାବି କରିଥିଲେ ଆରଆଇ ଶଶୀଭୂଷଣ । ଫଳରେ ବାଧ୍ୟ ହୋଇ ଅଷ୍ଟମୀ ଢେଙ୍କାନାଳ ଭିଜିଲାନ୍ସରେ ଅଭିଯୋଗ କରିଥିଲେ ।ଅଭିଯୋଗ ପାଇ ଯୋଜନାବଦ୍ଧ ଭାବେ ଜଗି ରହିଥିବା ଭିଜିଲାନ୍ସର ଏକ ଟିମ୍ ପିଅନ ବିଷ୍ଣୁ ବଲ୍ଲଭଙ୍କ ମାଧମରେ ଟଙ୍କା ଲାଭ ନେବା ବେଳେ ଆରଆଇ ଶଶୀଭୂଷଣଙ୍କୁ ମାଡି ବସିଥିଲା ଭିଜିଲାନ୍ସ । ଲାଭ ଗ୍ରହଣ କରିଥୁବା ରାସାୟନିକ ପ୍ରଲେପ ୬୦ ହଜାର ଟଙ୍କା ତାଙ୍କ ଠାରୁ ଉଦ୍ଧାର କରି ଶଶୀଭୂଷଣ ବେହେରା ଓ ବିଷ୍ଣୁ ବଲ୍ଲଭ ଖଟୁଆଙ୍କୁ ଗିରଫ କରିଛି ଭିଜିଲାନ୍ସ ଯକଟକ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରହିଛି ଭିଜିଲାନ୍ସ ବିଭାଗ ।

## ୪୧୭ କିଲୋ ୭୮୦ଗ୍ରାମ ଗଞ୍ଜେଇ ଓ ପିକଅପଭେନ ସହ ଜଣେ ଗିରଫ




ଆସିକା(ମହାଭାରତ): ଗୋଟିଏ ପିକଅପଭେନ ୪୧୭ କିଲୋ ୭୮୦ଗ୍ରାମ କିଲୋଗ୍ରାମ ଗଞ୍ଜେଇ ଜବତ ଜଣେ ଗିରଫ । ପୂର୍ବ ସୂଚନା ମୁତାବକ ଗତକାଲି ସନ୍ଧ୍ୟା ୪ଟା ସମୟରେ ଆସିକା ପୋଲିସ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜାତୀୟ ରାଜପଥ ୫୯ ଆସିକା କାଳକଣ୍ଡପୁର ଓ ପାଟିଲିଗୁଡା ନିକଟରେ ଓଡି ୦୭ ଏଆର ୪୨୮୬ ଗାଡିକୁ ଅଟକାଇ ଯାଞ୍ଚ ସମୟରେ ଗାଡ଼ିରୁ ୧୩ ବସ୍ତା ଗଞ୍ଜେଇ ଜବତ କରିବା ସହ ବ୍ରହ୍ମପୁର ସଦର ଥାନା ଅଧୀନ ଚଢେଇ ମରା ଗ୍ରାମର ପି. ମୋହନ କୁ ଗିରଫ କରିବା ସହ ଦୁଇଟି ମୋବାଇଲ ପୋଲିସ ଜବତ କରିଛି । ପୋଲିସ ଘଟଣାର ତଦନ୍ତ ସମୟରେ ଉକ୍ତ ବ୍ୟକ୍ତି ଜଣଙ୍କ କନ୍ଧମାଳଜିଲ୍ଲା ରାଇକିଆ ରୁ ଆସିକା ଦେଇ ବ୍ରହ୍ମପୁର ଯାଉଥିବା ଜାଣିବାକୁ ପାଇଛି । ଏହି ଚଢ଼ାଉ ବେଳେ ଆସିକା ଅତିରିକ୍ତ ତହସିଲଦାର ସୌଦାଗର ବେହେରା, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା, ଆସିକା ଥାନା ଅଧିକାରୀ କୁଳମଣି ସେଠି, ମାମଲା ତଦନ୍ତ କାରି ଅଧିକାରୀ ହିମାଂଶୁ ପାତ୍ର, କୋଟିନଡ଼ା ଥାନା ଏସ ଆଇ ସତ୍ୟବ୍ରତ ସାହୁ, ଆସିକା ଥାନା ଏସ ଆଇ ଜ୍ଞାନ ରଞ୍ଜନ ସେଠି,ଏ ଏସ ଆଇ ଶୁଭାଶିଷ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ ।ଆସିକା ଥାନା ପକ୍ଷରୁ କେସ ନମ୍ବର ୩୪୭/ ୨୫ ଦଫା ୨୦(ବି )(ସସ),୨୫,୨୯ଏନ ଡି ପିସି ଆକ୍ଟ ରେ ଏକ ମାମଲା ଜୁକରି କୋର୍ଟର ଗ୍ରୀଷ୍ମକାଳୀନ ଛୁଟି ଯୋଗୁଁ କାଡା ସୁରକ୍ଷା ବଳୟ ମଧ୍ୟରେ ଅଭିଯୁକ୍ତ ଓ ଜବତ ଗଞ୍ଜେଇ କୁ ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଙ୍କ କୋର୍ଟ ରେ ଉପସ୍ଥାପନା କରାଯାଇଥିଲା । ଜମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ କୁ ଆସିକା ଜେଲକୁ ପଠାଇ ଦିଆ ଯାଇଛି ।

## ପୋଖରୀ ନିଲାମକୁ ନେଇ ସରପଞ୍ଚଙ୍କୁ ସଂଘବଦ୍ଧ ଆକ୍ରମଣ

## ଘଟଣା ଘଟିବାର ୪ ଦିନ ବିତିଯାଇଥିଲେ ମଧ ଗିରଫ ହେଉନାହାନ୍ତି ଅଭିଯୁକ୍ତ

ଓଡ଼ାପଡ଼ା(ମହାଭାରତ)ଢେଙ୍କାନାଳ ଜିଲ୍ଲା ଓଡାପଡା ଅନ୍ତର୍ଗତ ଗଦାଶିଳା ପଂଚାୟତ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ସାହୁଙ୍କୁ ମରଣାମ୍ତକ ଆକ୍ରମଣ ହେଇଛି । ସୂଚନା ଥାଉକି ଗଦାଶିଳା ପଂଚାୟତ ଅଧୀନରେ ଥିବା 'ବଧି' ପୋଖରୀକି ଚଇଁପୁର ଗ୍ରାମର ସାରଳା ସ୍ୱୟଂ ସହାୟକ ଗୋଷ୍ଠିକୁ ମାଛ ଚାଷ ପାଇଁ ନିଲାମ ଦିଆ ଯାଇଥିଲା ।ଏ ବାବଦରେ ସାଇଁବିରି ଗ୍ରାମର କିଛି ଯୁବକ ସରପଞ୍ଚଙ୍କ ସହ ଫୋନରେ ଯୋଗାଯୋଗ କରିଥିଲେ ।ସରପଞ୍ଚ ଏହାର ଆପୋଷ ସମାଧାନ ପାଇଁ ଡାକିଥିଲେ ।ଏଥିରେ ଉତ୍ପୀକ୍ଷିତ ହେଇ ସାଇଁବିରି ଗ୍ରାମର କିଛି ଯୁବକ ସରପଞ୍ଚ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ମରଣାମ୍ତକ ଆକ୍ରମଣ କରିଥିଲେ ।ଏହି ଆକ୍ରମଣରେ ସରପଞ୍ଚଙ୍କ ମୁଣ୍ଡରେ ଗମ୍ଭୀର ଆଘାତ ଯୋଗୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ଏ ବାବଦରେ ଗତ ୨୩ ତାରିଖ ସନ୍ଧ୍ୟାରେ ସରପଞ୍ଚଙ୍କ ପରିବାର ତରଫରୁ ଏକ ଲିଖିତ ଅଭିଯୋଗ ସଦର ଥାନାରେ କରାଯାଇଥିଲା ।ଅଭିଯୋଗର ୫ଦିନ ବିତିଯାଇଥିଲେ ମଧ ସଦର ପୋଲିସ ଦୋଷୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତେ ମାମଲା ରୁଜୁ କରୁ ନାହିଁ ।ଓଡାପଡା ବ୍ଲକ ସରପଞ୍ଚ ସଂଘ ସଭାପତିଙ୍କ ଆକ୍ରମଣକୁ ପ୍ରତିବାଦ କରି ଆଜି ଓଡାପଡା ବ୍ଲକର ସରପଞ୍ଚ ସଂଘ ୨୮ ଟି ପଂଚାୟତର ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟଙ୍କୁ ନେଇ ଏକ ଆଲୋଚନା ହେଇଥିଲା । ଆଲୋଚନା ପରିଶେଷରେ ସଂଘର ଏକ ଦାବିପତ୍ର ବ୍ଲକ ଅଧିକାରୀଙ୍କୁ ପ୍ରଦାନ କରିବା ସହ ଆସନ୍ତା ୩ ଦିନ ମଧ୍ୟରେ ଯଦି ଆକ୍ରମଣକାରୀଙ୍କ ଉପରେ ସଦର ପୋଲିସ



କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତା ହେଲେ ଓଡାପଡା ବ୍ଲକର ସମସ୍ତ ୨୮ଟି ପଞ୍ଚାୟତର ସରପଞ୍ଚ ଆଗାମୀ ଧାର୍ଯ୍ୟ ଦିନ ପରଠାରୁ ପଂଚାୟତର ଉନତିମୂଳକ କାର୍ଯ୍ୟରୁ ନିବୃତ ରହିବେ ବୋଲି ସଂଘ ତରଫରୁ ନିଷ୍ପତି ନିଆଯାଇଛି ।


## ସାମ୍ବାଦିଙ୍କୁ ମାଡ଼ ମାରି ଦୁଇ ଜଣ କୋର୍ଟ ଚାଲାଣ

ଦାନଗଦୀ: (ମହାଭାରତ) ଜଣେ କାର୍ଯ୍ୟରତ ସାମ୍ବାଦିଙ୍କୁ ମାଡ଼ ମାରିବା ଅଭିଯୋଗ ରେ କଳିଙ୍ଗନଗର ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି । ଖବର ମୁତାବକ ୱେବ ସାମ୍ବାଦିକ ମନୋଜ ଜେନାଙ୍କୁ ଅଶ୍ଳୀଳ ଭାଷା ରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ କଳିଙ୍ଗନଗର ଥାନାରେ ହୋଇଥିଲା । ପୋଲିସ ଅଭିଯୁକ୍ତ ପଙ୍କ ପାଳ ଗାଁ ର ପ୍ରହଲ୍ଲାଦ ବୋଇତେଇ ଙ୍କ ପୁଅ ସୋମ୍ୟରଞ୍ଜନ ବୋଇତେଇ ଓରଫ ରାମୁ ଓ ତାର ସହଯୋଗୀ ନରୋତ୍ତମ ରାଉତ ଙ୍କ ପୁଅ ପ୍ରଶାନ୍ତ ରାଉତ ଙ୍କୁ ଗିରଫ କରି କେସ ନମ୍ବର୧୫୩/ ୨୫ ରେ କୋର୍ଟ ଚାଲାଣ କରିଛି ।

## ବିଦ୍ୟୁତ ଗଲେ ମହାନଦୀରୁ ଉଠିପାରୁନି ପାଣି

# ପିଇବା ପାଣି ପାଇଁ ହନ୍ତସନ୍ତ ନୟାଗଡ଼ ଓ ଖଣ୍ଡପଡ଼ା ବାସୀ

ନୟାଗଡ଼, ( ମହାଭାରତ ) : ବିଦ୍ୟୁତ କଟିଲେ ମହାନଦୀରୁ ଉଠିପାରୁନି ପାଣି । ଫଳରେ ନୟାଗଡ଼ ଜିଲ୍ଲାକୁ ପାଣି ଯୋଗାଣ ବନ୍ଦ ରହୁଛି । ଗ୍ରୀଷ୍ମ ଦିନେ ପାଣିର ସମସ୍ୟାରେ ଘାଣ୍ଟି ହେଉଥିବା ଜନସାଧାରଣଙ୍କ ପାଇଁ ଏହା ଚିନ୍ତାର କାରଣ ପାଲଟିଛି । ବିଜୁଳି କଟିଲେ ପାଣି ଉଠାଇବା ପାଇଁ ଥିବା ଜେନେରେଟରଟି ପର୍ଯ୍ୟାପ୍ତ ହେଉନଥିବା ଜଣାପଡ଼ିଛି । ଫଳରେ ବିଜୁଳିର ଲୁଚକାଳି ଖେଳର ପ୍ରଭାବ ସିଧାସଳଖ ପାନୀୟ ଜଳ ଯୋଗାଣ ଉପରେ ପଡୁଛି । ଏଣୁ ଏହି ସମସ୍ୟାର ଏକ ସ୍ଥାୟୀ ସମାଧାନ କରିବା ପାଇଁ ଦାବି ହୋଇଛି । କଣ୍ଟିଲୋ ବାଣପୁର ନିକଟରେ ମହାନଦୀରୁ ପାଣି ସଂଗ୍ରହ କରାଯାଇ ନୟାଗଡ଼ ଓ ଖଣ୍ଡପଡ଼ାକୁ ଯୋଗାଇ ଦିଆଯାଏ । ନୟାଗଡ଼ ବ୍ଲକ୍କୁ ପ୍ରତ୍ୟେକ ଦିନ ୩୭ ଲକ୍ଷ ଲିଟର ପାଣି ଆସୁଥିବା ବେଳେ ଖଣ୍ଡପଡ଼ାକୁ ୧୫ ଲକ୍ଷ ଲିଟର ଯୋଗାଇ ଦିଆଯାଇଛି । ମୁଣ୍ଡ ପିଛା ୧୩୫ ଲିଟର ହିସାବରେ ଏହି ପାଣି ଯୋଗାଇ ଦିଆଯାଉଛି ବୋଲି କୁହାଯାଉଛି । ମାତ୍ର ନୟାଗଡ଼ ସହରର ନବକଳେବର ବୃଦ୍ଧି ପାଉଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଣି ସମୁଦ୍ରକୁ ଶଙ୍ଖ ସଦୃଶ ହେଉଛି ଚଳିତ ସପ୍ତାହରେ ବିଜୁଳି ସମସ୍ୟା ଯୋଗୁ ତିନି ଦିନ ପାଣି ଯୋଗାଣ ବନ୍ଦ ରହିଥିଲା । ଫଳରେ ପାଣି ଟୋପେ ପାଇଁ ଲୋକ ମାନେ ଡହଳ ବିକଳ ହୋଇଥିଲେ । ବର୍ତ୍ତମାନ ପ୍ରାୟ ଅଧିକାଂଶ ସମୟରେ କାଳବୈଶାଖୀରେ ଗଛଡାଳ ଭାଙ୍ଗୁଥିବା ଯୋଗୁ ଟିପିସିଓଡିଏଲ ପକ୍ଷରୁ ବିଜୁଳି କାଟି ଦିଆଯାଉଛି । ଯେହେତୁ କୌଣସି ସ୍ଥାୟୀ ବ୍ୟବସ୍ଥା ନାହିଁ, ସେଥିପାଇଁ ପାଣି ଯୋଗାଣକୁ ବନ୍ଦ ରଖାଯାଉଛି । ଏ ନେଇ ପିଏଚଡି ଯନ୍ତ୍ରୀ ଶରତ ନାୟକ କୁହନ୍ତି ଯେ, ବିଜୁଳି ଗଲେ ପାଣି ଉଠାଇବା ପାଇଁ ଜେନେରେଟର ରହିଛି । ଏହି ଜେନେରେଟର ଘଣ୍ଟାଏ ଚାଲିଲେ ୭୦ ଲିଟର ଡିଜେଲ ଖର୍ଚ୍ଚ ହେଉଛି । ୪୦୦ ଲିଟର ପର୍ଯ୍ୟନ୍ତ ଡିଜେଲ ମହଜୁଦ ରଖାଯିବା ପାଇଁ ବ୍ୟବସ୍ଥା ରହିଛି । ମାତ୍ର ଏହି ସପ୍ତାହରେ ଦୁଇ ଥର କାଳବୈଶାଖୀ ଯୋଗୁ ମଧ୍ୟରାତ୍ରରୁ ବିଜୁଳି କଟି ଯାଇଥିଲା ଦିନ ୧୦ଟା ପର୍ଯ୍ୟନ୍ତ ବିଜୁଳି ନ ଆସିବାରୁ ପାଣି ଯେତିକି ଅ । ବ ଶ ୟ କ ଉଠିପାରିନଥିଲା । ଏଣୁ ନୟାଗଡ଼ ଓ ଖଣ୍ଡପଡ଼ାର ସମସ୍ତ ଜାଗାକୁ ପାଣି



ଯୋଗାଇବା ସମ୍ଭବ ହୋଇପାରିନଥିଲା । ଅନ୍ୟପଟେ ମହାନଦୀରେ ସମସ୍ୟା ଯୋଗୁ ସିଧାସଳଖ ପିଇବା ପାଣି ଯୋଗାଣ ପ୍ରଭାବିତ ହେଉଛି । ମହନଦୀର ଗୋଟିଏ କୂଳ ନୟାଗଡ଼ ଓ ଅନ୍ୟଟି କଟକ ଜିଲ୍ଲାକୁ ଛୁଇଁଛି । ଚଳିତ ବର୍ଷ ଆରମ୍ଭରୁ କଟକ ଜିଲ୍ଲା ପଟକୁ ମହାନଦୀର ସ୍ରୋତ ବଦଳିବାରେ ଲାଗିଛି । ଫଳରେ ଭୟଙ୍କର ଜଳ ସଙ୍କଟର ଆଶଙ୍କାକୁ ଦୃଷ୍ଟି ରଖି ଜନସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ମହାନଦୀ କୂଳେକୂଳେ ୪ କିମି ଭିତରକୁ ପାଇପ୍ ଲାଇନ ବିଛା ଯାଇଥିଲା । ଯେଉଁଠାରେ ସ୍ରୋତ ବଦଳିବାରେ ଲାଗିଛି । ସେ ପର୍ଯ୍ୟନ୍ତ ପାଇପ୍ ବିଛାଯାଇ ପାଣି ସଂଗ୍ରହ କରାଯାଉଛି । ଦୁଇ ବର୍ଷ ତଳେ ଏମିତି ସମସ୍ୟା ସୃଷ୍ଟି ହେଉଥିବାରୁ କିଛି ଦିନ ପର୍ଯ୍ୟନ୍ତ ନୟାଗଡ଼କୁ ପାଣି ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ବର୍ତ୍ତମାନ ପୁଣି ଥରେ ଏମିତି ସମସ୍ୟା ସୃଷ୍ଟିକୁ ଆଦୌ ଏଡ଼ାଇ ଦିଆଯାଇନପାରେ ବୋଲି କୁହାଯାଉଛି । ଅନ୍ୟପଟେ ବର୍ତ୍ତମାନ ପର୍ଯ୍ୟନ୍ତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରୁନାହିଁ । ନିର୍ମାଣକାରୀ ସଂସ୍ଥାକୁ ବାରମ୍ବାର ଜରିମାନା କରାଯାଉଥିଲେ ମଧ କିଛି ବି ସୁଫଳ ମିଳୁନାହିଁ ଚଳିତ ବର୍ଷ ଶେଷ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ କି ନାହିଁ, ଏହାକୁ ନେଇ ମଧ ଆଶଙ୍କା ସୃଷ୍ଟି ହୋଇଛି ।

## ମଣିପୁରରେ ଭୂକମ୍ପର ଝଟକା

ନୂଆଦିଲ୍ଲୀ : ମଣିପୁର ଚୁରାଚାନ୍ଦପୁର ଜିଲ୍ଲାରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ଗତକାଲି ବିଳମ୍ବିତ ରାତି ପ୍ରାୟ ୧.୫୫ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା । ଭୂକମ୍ପର ତୀବ୍ରତା ୫.୨ ରହିଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ୪୦ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା । ଯାହା ଫଳରେ ଏହାର ପ୍ରଭାବ ଆଖପାଖ ରାଜ୍ୟ ମିଆଁମାର ଏବଂ ବାଂଲାଦେଶରେ ଅନୁଭୂତ ହୋଇଥିଲା । ଭୂକମ୍ପର ସ୍ଥିତି ଘଉଝ ସୂତ୍ରରୁ ଜଣାପଡିଛି । ସୂଚନାନୁଯାୟୀ, ମଣିପୁର ଚୁରାଚାନ୍ଦପୁରରେ ଭୂକମ୍ପ ସୃଷ୍ଟି ହୋଇଥିଲା । ମଙ୍ଗଳବାର ଏବଂ ବୁଧବାର ମଧ୍ୟରାତ୍ରୀ ପ୍ରାୟ ୧.୫୫ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା । ଯାହା ମଧ୍ୟମ ଧରଣର ଥିବା କୁହାଯାଉଛି । ଭୂକମ୍ପର ଅକ୍ଷାଂଶ ୨୪.୪୬ଘ ଏବଂ ଦ୍ରାଘିମା ୯୩.୭୦ ର ରହିଥିଲା । ଏହା ସହିତ ଚୁରାନ୍ଦରପୁର ପରେ ନୋନୀରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିବା ଘଉଝ ସୂତ୍ରରୁ ଜଣାପଡିଛି । ଯାହାର ତୀବ୍ରତା ୨.୫ ରହିଥିଲା । ଭାରତୀୟ ସମୟାନୁସାରେ ରାତି ୨.୨୬ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା ।

## ପାଲେଷ୍ଟାଇନୀ ନାଗରିକଙ୍କ ଉପରେ ଗୁଳି ଚଳାଇଲା ଇସ୍ରାଏଲ

ନୂଆଦିଲ୍ଲୀ : ଇସ୍ରାଏଲ ପୁଣି ଥରେ ହଜାର ହଜାର ପାଲେଷ୍ଟାଇନୀ ନାଗରିକଙ୍କ ଉପରେ ଗୁଳି ଚଳାଇଛି । ଏହି ଘଟଣା ସେତେବେଳେ ଘଟିଥିଲା ଯେତେବେଳେ



ହଜାର ହଜାର ପାଲେଷ୍ଟାଇନୀ ନାଗରିକ ଦକ୍ଷିଣ ଗାଜାରେ ଏକ ସହାୟତା କେନ୍ଦ୍ରରେ ପହଞ୍ଚିବାକୁ ଚେଷ୍ଟା କରୁଥିଲେ । ଏହି ସମୟରେ, ଇସ୍ରାଏଲ ଏହାର ଟ୍ୟାଙ୍କ ଏବଂ ବନ୍ଧୁକ ସାହାଯ୍ୟରେ ସେମାନଙ୍କ ଉପରେ ଗୁଳି ଚଳାଇଲା । ଏକ ରିପୋର୍ଟ ଅନୁଯାୟୀ, ପାଲେଷ୍ଟାଇନୀ ଜନତାଙ୍କ ମଧ୍ୟରେ ଇସ୍ରାଏଲୀ ଟ୍ୟାଙ୍କ ଏବଂ ଗୁଳି ଫୁଟିବାର ଶବ୍ଦ ଶୁଣାଯାଇଥିଲା । ଏହି ଘଟଣାରେ କେତେ ଜଣ ଆହତ କିମ୍ବା ମୃତାହତ ହୋଇଛନ୍ତି ସେ ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ । ଘଟଣା ବିଷୟରେ ସୂଚନା ଦେଇଥିବା ଜଣେ ସାମ୍ବାଦିକ କହିଛନ୍ତି ଯେ ମଙ୍ଗଳବାର ଦିନ ଦକ୍ଷିଣ ଗାଜାରେ ଏକ ନୂତନ ଭାବରେ ଖୋଲାଯାଇଥିବା ସହାୟତା ବଣ୍ଟନ କେନ୍ଦ୍ରକୁ ପାଲେଷ୍ଟାଇନୀମାନଙ୍କର ଏକ ବଡ଼ ଭିଡ଼ ଯିବାକୁ ଚେଷ୍ଟା କରିବା ସମୟରେ ଇସ୍ରାଏଲୀ ଟ୍ୟାଙ୍କ ଏବଂ ଗୁଳି ଫୁଟିବାର ଶବ୍ଦ ଶୁଣାଯାଇଥିଲା । ଏହି ଘଟଣାରେ କେହି ଆହତ ହୋଇଛନ୍ତି କି ନାହିଁ ସେ ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ । ରିପୋର୍ଟ ଅନୁସାରେ, ହଜାର ହଜାର ପାଲେଷ୍ଟାଇନୀ ନାଗରିକ ଇସ୍ରାଏଲୀ ସାମରିକ ଲାଇନ ଦେଇ ରାଫାର ଉପକଣ୍ଠରେ ଏକ ଆମେରିକୀୟ ସମର୍ଥିତ ଏନଜିଓ ଦ୍ୱାରା ପ୍ରତିଷ୍ଠିତ ଏକ ବଣ୍ଟନ ସହାୟତା କେନ୍ଦ୍ରରେ ପହଞ୍ଚିବା ପାଇଁ ଯାଉଥିବା ବେଳେ ଗୁଳିଚାଳନା ହୋଇଥିଲା । ଆପଣଙ୍କୁ କହିରଖୁଛୁ ଯେ ଗାଜାରେ ଖାଦ୍ୟ ଏବଂ ପାନୀୟର ଦାୟିତ୍ୱ ନେବା ପାଇଁ ଇସ୍ରାଏଲ ନିଜେ ଏହି ସ୍ଥାନକୁ ମନୋନୀତ କରିଛି । ଏହା ସହାୟତା କେନ୍ଦ୍ରର ଦ୍ୱିତୀୟ ଦିନ ଥିଲା । ସହାୟତା କେନ୍ଦ୍ରଠାରୁ କିଛି ଦୂରରେ ଥିବା ଜଣେ ରିପୋର୍ଟର ଗୁଳି ଫୁଟିବା ଏବଂ ଟ୍ୟାଙ୍କ ଗୁଳିର ଶବ୍ଦ ଶୁଣିଥିଲେ । ଯେଉଁଠାରେ ଗୁଳି ଫୁଟିଥିଲା, ସେହି ସ୍ଥାନରୁ ଧୂଆଁ ଉଠିବା ଦେଖାଯାଇଥିଲା । ହେଲେ ଇସ୍ରାଏଲୀ ସେନା ପକ୍ଷରୁ ତୁରନ୍ତ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ ବୋଲି ଜଣାପଡ଼ିଛି ।

## ଆଫଗାନିସ୍ତାନ ନାଗରିକଙ୍କ ପାଇଁ ଭିସା ସେବା ଆରମ୍ଭ କଲା ଭାରତ

ନୂଆଦିଲ୍ଲୀ : ଆଫଗାନିସ୍ତାନ ନାଗରିକଙ୍କ ପାଇଁ ପୁଣି ଭିସା ସେବା ଆରମ୍ଭ କଲା ଭାରତ । ବ୍ୟବସାୟ, ଶିକ୍ଷା ଓ ଚିକିତ୍ସା ପାଇଁ ଭାରତ ଆସିବାକୁ ଚାହୁଁଥିବା ଆଫଗାନ ନାଗରିକ ମାନେ ଏବେ ଅନଲାଇନରେ ଆବେଦନ କରିପାରିବେ । ୨୦୨୧ ଅଗଷ୍ଟରେ ତାଲିବାନ କ୍ଷମତା ହାସଲ କରିବା ପରେ, ଭାରତ କାବୁଲରେ ଥିବା ତା'ର ଦୂତାବାସରୁ ଅଧିକାରୀମାନଙ୍କୁ ପ୍ରତ୍ୟାହାର କରି ଭିସା ସେବା ବନ୍ଦ କରିଥିଲା । ଏବେ ଭାରତ ସରକାରଙ୍କ ଅଫିସିଆଲ ଭିସା ପୋର୍ଟାଲରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବ୍ୟବସାୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଆଫଗାନ ନାଗରିକଙ୍କୁ ଭିସା ମିଳିବ । ପ୍ରତ୍ୟେକ ଆବେଦନକାରୀଙ୍କୁ ନାମ, ଜନ୍ମ ତାରିଖ, ଜାତୀୟତା, ମିଆଦ ଶେଷ ତାରିଖ ଇତ୍ୟାଦି ବ୍ୟକ୍ତିଗତ ବିବରଣୀ ସମ୍ବଳିତ ଆଫଗାନ ଜାତୀୟ ପରିଚୟ ପତ୍ର ଅନଲାଇନରେ ଅପଲୋଡ କରିବାକୁ ପଡିବ । ଭିସା ଆବେଦନ ପୂରଣ କରିବା ପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟଗୁଡ଼ିକ ପ୍ରତ୍ୟେକ ପ୍ରକାରର ଭିସା ସହିତ ସୂଚିତ କରାଯାଇଛି । ବ୍ୟବସାୟ କାର୍ଡ, ନିମନ୍ତ୍ରଣ ପତ୍ର ଇତ୍ୟାଦି ସମେତ ସମସ୍ତ ଡକ୍ୟୁମେଣ୍ଟ ଇଂରାଜୀ ଭାଷାରେ ହେବା ଆବଶ୍ୟକ, ନଚେତ୍ ଆବେଦନ ପ୍ରତ୍ୟାଖ୍ୟାନ ପାଇଁ ଦାୟୀ ରହିବେ ବୋଲି ନୋଟିସରେ କୁହାଯାଇଛି । ଏଥି ସହ ଭାରତରେ ପହଞ୍ଚିବା ପରେ ଆବେଦନକାରୀଙ୍କ ବାୟୋମେଟ୍ରିକ୍ ବିବରଣୀ ବାଧ୍ୟତାମୂଳକ ଭାବରେ ଇମିଗ୍ରେସନରେ ଦାଖଲ କରାଯିବ । ଯାତ୍ରା ସମୟରେ ଆବେଦନକାରୀମାନେ ଇଲେକ୍ଟ୍ରୋନିକ୍ ଟ୍ରାଭେଲ୍ ଅଥରାଇଜେସନ୍ (ଋଞଇ) ର ଏକ କପି ସାଙ୍ଗରେ ରଖିବା ଉଚିତ । ଯାତ୍ରା ଆରମ୍ଭ ହେବା ପୂର୍ବରୁ ସରକାରୀ ଭିସା ପୋର୍ଟାଲରେ ଋଞଇ ସ୍ଥିତି 'ଏଜଇଘଞରଉ' ଭାବରେ ଦେଖାଗଲେ ହିଁ ସେମାନେ ଯାତ୍ରା କରିବା ଉଚିତ । ଆବେଦନକାରୀମାନେ ଭିସା ସ୍ଥିତି ଉପରେ କ୍ଲିକ୍ କରି ଅନଲାଇନରେ ସେମାନଙ୍କର ଆବେଦନର ସ୍ଥିତି ଟ୍ରାକ୍ କରିପାରିବେ ।

ଭାରତ ଯାତ୍ରା କରୁଥିବା ଲୋକମାନଙ୍କୁ ଭାରତ ସରକାରଙ୍କ ଇମିଗ୍ରେସନ ବ୍ୟୁରୋର ୱେବସାଇଟରେ ଉପଲବ୍ଧ ନିର୍ଦ୍ଦେଶାବଳୀ ପଢିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଆବେଦନକାରୀଙ୍କୁ ସେହି ପାସପୋର୍ଟରେ ଯାତ୍ରା କରିବାକୁ ପଡିବ ଯାହା ଅଧୀନରେ ଭିସା ପାଇଁ ଆବେଦନ କରାଯାଇଛି । ପୁରୁଣା ପାସପୋର୍ଟରେ ଋଞଇ ଜାରି ହୋଇଥିଲେ ମଧ୍ୟ ନୂତନ ପାସପୋର୍ଟରେ ଭାରତରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ । ହେଲେ ଏପରି ପରିସ୍ଥିତିରେ, ଜଣେ ଯାତ୍ରୀଙ୍କୁ ସେହି ପୁରୁଣା ପାସପୋର୍ଟ ବହନ କରିବାକୁ ପଡିବ ଯାହା ଉପରେ ଋଞଇ ଜାରି କରାଯାଇଥିଲା । ଯେଉଁମାନେ ବ୍ୟବସାୟିକ ଭିସା ପାଇଁ ଆବେଦନ କରିବାକୁ ଚାହାଁନ୍ତି ସେମାନେ ଗସ୍ତର ଉଦ୍ଦେଶ୍ୟ ଉଲ୍ଲେଖ କରିବାକୁ ପଡିବ ଯେପରିକି ଏକ ଶିଳ୍ପ/ବ୍ୟବସାୟିକ ଉଦ୍ୟମ ପ୍ରତିଷ୍ଠା, ଅନ୍ୟାନ୍ୟ ବ୍ୟବସାୟିକ କାର୍ଯ୍ୟକଳାପ, କ୍ରୀଡାବିତ୍ ଏବଂ ପ୍ରଶିକ୍ଷକ, ଯେଉଁମାନେ ଭାରତରେ ବାଣିଜ୍ୟିକ କ୍ରୀଡା ଇଭେଣ୍ଟରେ ଚୁକ୍ତିନାମା ସହିତ ପାରିଶ୍ରମିକରେ ନିୟୋଜିତ ଅଛନ୍ତି । ଭାରତୀୟ ସାଂସ୍କୃତିକ ସମ୍ପର୍କ ପରିଷଦ ସ୍କୋଲାରସିପ୍ ପାଇଥିବା ଏବଂ ସରକାରୀ ଶିକ୍ଷାନୁଷ୍ଠାନରେ ପ୍ରବେଶ କରିବାକୁ ଚାହୁଁଥିବା ଲୋକମାନଙ୍କୁ ଛାତ୍ର ଭିସା ଦିଆଯିବ । ଏଥି ସହ ରୋଗୀମାନଙ୍କୁ ମେଡିକାଲ ଭିସା ଏବଂ ରୋଗୀଙ୍କ ପରିଚାରକମାନଙ୍କୁ ମେଡିକାଲ ଆଟେଣ୍ଡାଣ୍ଟ ଭିସା ଦିଆଯିବ । 'ଏଣ୍ଟ୍ରି ଭିସା' ନାମକ ଏକ ଭିସା ବର୍ଗ ଅଛି ଯାହା ଅଧୀନରେ ଆଫଗାନ ନାଗରିକମାନଙ୍କୁ ଯାତ୍ରା ଡକ୍ୟୁମେଣ୍ଟ ଦିଆଯିବ ଯେଉଁମାନେ ଭାରତର ପ୍ରତିଷ୍ଠିତ ଅନୁଷ୍ଠାନ ଦ୍ୱାରା ପ୍ରାୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରିବା ପାଇଁ ଭାରତ ଭ୍ରମଣ କରିବାକୁ ଇଚ୍ଛୁକ ।

# ଭାରତ କରିବ ବଡ଼ ଯୁଦ୍ଧାଭ୍ୟାସ, ମହାଶକ୍ତି ଦେଖିବ ଦୁନିଆ !

ନୂଆଦିଲ୍ଲୀ/ଉଲାନବାତର, ୨୮।୫: ଅପରେସନ ସିନ୍ଦୂର ପରେ ଭାରତୀୟ ସେନା ମଙ୍ଗୋଲିଆ ସହିତ ଏକ ବଡ଼ ଯୁଦ୍ଧାଭ୍ୟାସ କରିବାକୁ ଯାଉଛି । ଏହି ସଂଯୁକ୍ତ ସୈନ୍ୟ ଅଭ୍ୟାସ ୩୧ ମେ'ରୁ ୧୩ ଜୁନ ପର୍ଯ୍ୟନ୍ତ ମଙ୍ଗୋଲିଆର ରାଜଧାନୀ ଉଲାନବାତରରେ ଅନୁଷ୍ଠିତ ହେବ । ଏହି ଅଭ୍ୟାସର ନାମ 'ନୋମାଡିକ ଏଲିଫାଣ୍ଟ' ରଖାଯାଇଛି । ଏଥିରେ ଭାରତୀୟ ସେନାର ଅରୁଣାଚଳ ସ୍କାଉଟସ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି ଯୁଦ୍ଧାଭ୍ୟାସ ଭାରତ ଓ ମଙ୍ଗୋଲିଆ ମଧ୍ୟରେ ଦ୍ୱିପାକ୍ଷିକ ସୈନ୍ୟ ସହଯୋଗକୁ ଆହୁରି ମଜବୁତ କରିବା ଲାଗି ଆୟୋଜିତ ହେଉଛି । ଏହା ସହିତ, ଏହା ଦୁଇ ଦେଶର ସେନା ମଧ୍ୟରେ ସଂଯୋଗ ଏବଂ ସହଯୋଗିତାକୁ ବୃଦ୍ଧି କରିବାରେ ସହାୟକ ହେବ । ଏହି ଅଭ୍ୟାସରେ ସେମି-ଆର୍ବାନ ଏବଂ ପର୍ବତୀୟ ଅଞ୍ଚଳରେ ସେମି-କନଭେନସନାଲ ଅପରେସନ ଉପରେ ଗୁରୁତ୍ୱ ଦିଆଯିବ । ଏହା ଜାତିସଂଘ ମାଣ୍ଡେଟ ଅଧୀନରେ ଆତଙ୍କବାଦ ବିରୋଧୀ କାର୍ଯ୍ୟ ଏବଂ ଶାନ୍ତିରକ୍ଷା ମିଶନ ପାଇଁ ପ୍ରସ୍ତୁତିକୁ ମଜବୁତ କରିବ ।



ଅପରେସନ ସିନ୍ଦୁର, ଯାହା ୬-୭ ମେ' ୨୦୨୫ ରାତିରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜାମ୍ମୁ ଓ କାଶ୍ମୀର (ପିଓଜେକେ)ରେ ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ଏକ ତ୍ରି-ସେବା ସୈନ୍ୟ ଅଭିଯାନ ଥିଲା, ତାହା ଭାରତୀୟ ସେନାର ଉଚ୍ଚ ପ୍ରସ୍ତୁତି ଏବଂ ରଣନୈତିକ ଦକ୍ଷତାକୁ ପ୍ରଦର୍ଶନ କରିଥିଲା । ଏହି ଅଭିଯାନ ପହଲଗାମ ଆକ୍ରମଣ (୨୨ ଏପ୍ରିଲ ୨୦୨୫)ର ଜବାବରେ ଆରମ୍ଭ ହୋଇଥିଲା, ଯେଉଁଥିରେ ୨୬ ଜଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା । ଏହା ପରେ ଭାରତୀୟ ସେନା ନିଜର ଶକ୍ତି ଏବଂ ଆତଙ୍କବାଦ ବିରୋଧରେ ଦୃଢ ନିଷ୍ପତ୍ତିକୁ ପ୍ରଦର୍ଶନ କରିଥିଲା । ଏବେ ମଙ୍ଗୋଲିଆ ସହିତ ଆୟୋଜିତ ଏହି ଯୁଦ୍ଧାଭ୍ୟାସ ଭାରତର ଆନ୍ତର୍ଜାତୀୟ ସୈନ୍ୟ ସହଯୋଗ ଏବଂ ରଣନୈତିକ ସଂଯୋଗକୁ ଆହୁରି ମଜବୁତ କରିବ । ଏହି ଅଭ୍ୟାସରେ ଭାରତୀୟ ସେନାର ଅରୁଣାଚଳ ସ୍କାଉଟସ ସମେତ ଅନ୍ୟାନ୍ୟ ବାହିନୀର ସୈନିକମାନେ ଅଂଶଗ୍ରହଣ କରିବେ । ଏହା ଦୁଇ ଦେଶର ସୈନ୍ୟମାନଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ଏବଂ ବନ୍ଧୁତ୍ୱକୁ ବୃଦ୍ଧି କରିବା ସହ ସୈନ୍ୟ କ୍ଷମତା ଏବଂ ରଣନୈତିକ ଦକ୍ଷତାକୁ ବୃଦ୍ଧି କରିବ । ଏହି ଅଭ୍ୟାସ ଭାରତର 'ଲୁକ ଇଷ୍ଟ' ନୀତିର ଏକ ଅଂଶ ଭାବେ ଦେଖାଯାଉଛି, ଯେଉଁଥିରେ ଭାରତ ଏସୀୟ ଦେଶମାନଙ୍କ ସହିତ ସୈନ୍ୟ ଏବଂ ରାଜନୈତିକ ସମ୍ପର୍କକୁ ମଜବୁତ କରିବାକୁ ଲକ୍ଷ୍ୟ ରଖିଛି । ମଙ୍ଗୋଲିଆ ସହିତ ଏହି ସହଯୋଗ ଭାରତର ଆଞ୍ଚଳିକ ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀ ଲେଇରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ।

## ଭିସା ଫ୍ରଡଙ୍କ ଉପରେ ଇଣ୍ଟରପୋଲର ନଜର

ଇଣ୍ଟରପୋଲରୁ ଦୁଇ ଅଭିଯୁକ୍ତଙ୍କ ବିରୋଧରେ 'ସିଲଭର ନୋଟିସ୍' ପାଇଛି ଉଇଓ । ଭିସା ଠକେଇ ଏବଂ କ୍ରିପ୍ଟୋ କରେନ୍ସି ମାମଲା କାରଣରୁ ଏହି ନୋଟିସ ଜାରି କରାଯାଇଛି । ଚଳିତ ବର୍ଷ ଆରମ୍ଭରୁ ଇଣ୍ଟରପୋଲ ଦ୍ୱାରା ଏହି ନୋଟିସ ଜାରି କରାଯାଇଥିଲା । ଯାହାର ଉଦ୍ଦେଶ୍ୟ ଅଭିଯୁକ୍ତଙ୍କ ବେଆଇନ ସମ୍ପତ୍ତି ସମ୍ପର୍କରେ ସୂଚନା ସଂଗ୍ରହ କରିବା ଏବଂ ସେମାନଙ୍କୁ ଟ୍ରାକ୍ କରିବା । ଉଇଓ ନିର୍ଦ୍ଦେଶାନୁସାରେ ମେ ୨୩ରେ ପ୍ରଥମେ ଶୁଭମ୍ ଶୋକିନ ନାମକ ଅଭିଯୁକ୍ତ ବିରୋଧରେ ସିଲଭର ନୋଟିସ ଜାରି କରାଯାଇଥିଲା । ସେ ଦିଲ୍ଲୀ ସ୍ଥିତ ଏକ ବିଦେଶୀ ଦୂତବାସରେ ଭିସା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ୨୦୧୯ରୁ ୨୦୨୨ ମଧ୍ୟରେ ଶୁଭମ ଅନ୍ୟ ଲୋକଙ୍କ ସହ ମିଶି ଭିସା ଆବେଦନକାରୀଙ୍କଠାରୁ ୧୫ ଲକ୍ଷରୁ ୪୫ ଲକ୍ଷ ପର୍ଯ୍ୟନ୍ତ ଲାଞ୍ଚ ନେଇଥିବା ଉଇଓ ତଦନ୍ତରୁ ଜଣାପଡିଛି । ଏହି ବେଆଇନ ଟଙ୍କାରେ ଶୁଭମ୍ ଦୁବାଇରେ ୧୫.୭୩କୋଟି ଟଙ୍କାର ସମ୍ପତ୍ତି କିଣିଥିଲେ । ଯାହାକୁ ଠାବ କରିବା ପାଇଁ ଉଇଓ ଇଣ୍ଟରପୋଲରୁ 'ବ୍ଲୁ ନୋଟିସ' ଜାରି କରାଯାଇଥିଲା । ଅନ୍ୟପଟେ ଉଇଓ ସୋମବାର ଦିନ ଅମିତ୍ ମଦନଲାଲ ଲଖନପାଲ ନାମକ ଅଭିଯୁକ୍ତିଙ୍କ ବିରୋଧରେ ଦ୍ୱତୀୟ ଥର ପାଇଁ 'ସିଲଭର ନୋଟିସ' ଜାରି କରାଯାଇଥିଲା । ଏହି ନୋଟିସ୍ ଋଉ ଦ୍ୱାରା କରାଯାଇଥିଲା । ଡିଜିଟାଲ କରେନ୍ସି କାରଣରୁ ଅମିତଙ୍କ ବିରୋଧରେ ଅଭିଯୋଗ କରାଯାଇଛି । ରିଜର୍ଭ ବ୍ୟାଙ୍କର ବିନା ଲାଇସେନ୍ସରେ ପାଖାପାଖି ୧୧୩.୧୦ କୋଟି ଟଙ୍କା ଲୋକଙ୍କଠାରୁ ସଂଗ୍ରହ କରିଛନ୍ତି । ଲୋଭ ଦେଖାଇ ଲୋକଙ୍କଠାରୁ ସଂଗ୍ରହ କରିଥିବା ଟଙ୍କାକୁ କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କୁ ଫେରେଇଲେ ନାହିଁ । ଏତିକି ନୁହେଁ ଅମିତ୍ ନିଜକୁ ଜଣେ ଅର୍ଥ ମନ୍ତ୍ରାଳୟର ଅଧିକାରୀ ବୋଲି କହି ଲୋକଙ୍କୁ ଠକୁଥିଲେ । ଯାହା ଫଳରେ ତାଙ୍କ ଉପରେ ଇଣ୍ଟରପୋଲରୁ 'ରେଡ ନୋଟିସ 'ଜାରି ହୋଇଛି ।

## ୨୦ କୋଟି ଋଣ ହେଲା ବୋଝ, କାର ଭିତରେ ପ୍ରାଣ ହରାଇଲେ ପରିବାରର ୭ଜଣ ସଦସ୍ୟ


ନୂଆଦିଲ୍ଲୀ : ସୋମବାର ରାତିରେ ହରିୟାଣାର ପଞ୍ଚକୁଲାରୁ ଏପରି ଏକ ଖବର ଆସିଥିଲା ଯାହା ସମଗ୍ର ସମାଜକୁ ଆଶ୍ଚର୍ଯ୍ୟ କରାଇଥିଲା । ଏଠାରେ ସେକ୍ଟର-୨୭ରେ, ଗୋଟିଏ ପରିବାରର ୭ ଜଣ ସଦସ୍ୟ ଏକ କାର ଭିତରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟାର ଏହି ହୃଦୟ ବିଦାରକ ଘଟଣା ପଛରେ ଭାରୀ ଋଣ କାରଣ ବୋଲି କୁହାଯାଉଛି । ମୃତକଙ୍କ ମଧ୍ୟରେ ବ୍ୟବସାୟୀ ପ୍ରବୀଣ ମିତ୍ତଲ, ତାଙ୍କ ସ୍ତ୍ରୀ, ବାପା, ମା, ଦୁଇ ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି । ହିସାରର ମୂଳ ବାସିନ୍ଦା ୪୨ ବର୍ଷୀୟ ପ୍ରବୀଣ ମିତ୍ତଲ ପଞ୍ଚକୁଲାର ସାକେତ୍ରୀ ଗାଁ ନିକଟରେ ଏକ ଭଡା ଘରେ ରହୁଥିଲେ । ପ୍ରବୀଣ ଥରେ ଜଣେ ବଡ଼ ସ୍କ୍ରାପ୍ ବ୍ୟବସାୟୀ ଥିଲେ, କିନ୍ତୁ ଧୀରେ ଧୀରେ ତାଙ୍କ ବ୍ୟବସାୟ ଋଣ ବୋଝ ତଳେ ଚାପି ହୋଇଗଲା । କୁହାଯାଉଛି ଯେ ଆତ୍ମହତ୍ୟା କରିବା ପୂର୍ବରୁ ସେ ଏକ ଧାର୍ମିକ କାହାଣୀରେ ଅଂଶଗ୍ରହଣ କରିଥିଲେ ଏବଂ ତା'ପରେ ସେ ଆତ୍ମହତ୍ୟା କରିଥିଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାତି ପ୍ରାୟ ୧୧ଟାରେ ଏକ କାର ବହୁତ ସମୟ ଧରି ବନ୍ଦ ହୋଇ ଠିଆ ହୋଇଥିଲା । ଯେତେବେଳେ ଲୋକଙ୍କୁ ସନ୍ଦେହ ହେଲା ଏବଂ କାରଟି ଖୋଲିଲା, ସେତେବେଳେ ଏଥିରେ ସାତ ଜଣଙ୍କ ମୃତଦେହ ମିଳିଥିଲା । କେବଳ ପ୍ରବୀଣ ମିତ୍ତଲ ନିଶ୍ୱାସ ନେଉଥିଲେ, ଯେତେବେଳେ ତାଙ୍କୁ ବାହାର କରି ପଚରାଉଚରା କରାଯାଇଥିଲା । ସେ କହିଥିଲେ ଯେ ସେ ବିଷ ପିଇ ଦେଇଛନ୍ତି । ଏଥି ସହ କିଛି ସମୟ ପରେ ତାଙ୍କର ମଧ୍ୟ ମୃତ୍ୟୁ ହେଲା । ପ୍ରବୀଣ ମିତ୍ତଲ ଆତ୍ମହତ୍ୟା କରିବା ପୂର୍ବରୁ ଏକ ନୋଟ ମଧ୍ୟ ଲେଖିଥିଲେ ଯେଉଁଥିରେ ସେ କହିଥିଲେ, ''ଆମେ ଋଣରେ ଚିନ୍ତିତ । କେହି ଆମକୁ ସାହାଯ୍ୟ କରିନଥିଲେ । ଆମେ ସମସ୍ତେ ବିଷ ପିଉଛୁ । ମୋ ମାମୁଁଙ୍କ ପୁଅ ଆମର ଶେଷକୃତ୍ୟର ଦାୟିତ୍ୱ ନେବ'' । ପ୍ରବୀଣ ମିତ୍ତଲଙ୍କ ଜୀବନ, ଯାହାଙ୍କର ଏକ କାରଖାନା, ଗାଡ଼ି, ଫ୍ଲାଟ୍ ଏବଂ ଏକ ଖୁସି ପରିବାର ଥିଲା, ସମ୍ପୂର୍ଣ୍ଣ ବଦଳିଗଲା । ହିମାଚଳର ବାଦ୍ଦିରେ ତାଙ୍କର ଏକ ସ୍କ୍ରାପ୍ କାରଖାନା ମଧ୍ୟ ଥିଲା, ଯାହାକୁ ବ୍ୟାଙ୍କ ଜବତ କରିଥିଲା । ପ୍ରବୀଣ ମୂଳତଃ ହିସାରର ବାରୱାଲାର ବାସିନ୍ଦା ଥିଲେ । ପ୍ରାୟ ୧୨ବର୍ଷ ପୂର୍ବେ ପଞ୍ଚକୁଲାକୁ ସ୍ଥାନାନ୍ତରିତ ହୋଇଥିଲି । ମୁଁ ପାଞ୍ଚ ବର୍ଷ ଧରି କାହା ସହିତ ଯୋଗାଯୋଗ କରିନଥିଲି । କିଛି ସମୟ ପୂର୍ବରୁ ମୁଁ ମୋହାଲିର ଖରାରରେ ରହିବାକୁ ଆସିଥିଲି । ବର୍ତ୍ତମାନ ସେ ପଞ୍ଚକୁଲାର ସାକେତ୍ରୀ ଗାଁ ନିକଟରେ ରହୁଥିଲେ । ଋଣ ପରିମାଣ ୨୦ କୋଟି ଟଙ୍କାରେ ପହଞ୍ଚିଥିଲା । ପରିସ୍ଥିତି ଏତେ ଖରାପ ହୋଇଗଲା ଯେ ତାଙ୍କୁ ନିଜର ପରିଚୟ ଲୁଚାଇ କ୍ୟାବ୍ ଚଲାଇବାକୁ ପଡିଲା । ସେ ଡେରାଡୁନ, ଖରାର ଏବଂ ତା' ପରେ ପଞ୍ଚକୁଲାରୁ ଯାତ୍ରା ଗୋପନରେ ବିତାଇଲେ । ଡେରାଡୁନରେ ଥିବା ସେମାନଙ୍କ ପଡ଼ୋଶୀ ଏବଂ ପିଲାମାନଙ୍କ ବନ୍ଧୁମାନେ କହିଛନ୍ତି ଯେ ମିତ୍ତଲ ପରିବାର ଶାନ୍ତ, ସରଳ ଥିଲେ । କେହି ଭାବି ନଥିଲେ ଯେ ସେ ଭିତରେ ଏତେ ବଡ଼ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି ।

## ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କଲା କେନ୍ଦ୍ର

ନୂଆଦିଲ୍ଲୀ : ଆଜି କ୍ୟାବିନେଟ ବୈ ?ଠକରେ ଖରିଫ୍ ଫସଲ ଏମଏସପି ବୃଦ୍ଧି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏନେଇ ସୂଚନା ଦେଲେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈ ?ଷ୍ଣବ । କେନ୍ଦ୍ର ମନ୍ତ୍ରୀଙ୍କ ସୂଚନା ଅନୁସାରେ ସରକାର ଧାନ, କପା, ସୋୟାବିନ୍ ଏବଂ ମଟର ସମେତ ୧୪ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବା ଗଝଚ ବୃଦ୍ଧି କରିଛନ୍ତି । ଧାନର ନୂତନ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ ଟଙ୍କା ସ୍ଥିର ହୋଇଛି । ଯାହା ପୂର୍ବ ସର୍ବନିମ୍ନ ସହାୟକ ମୂଲ୍ୟ ଅପେକ୍ଷା ୬୯ ଟଙ୍କା ଅଧିକ । କପାର ନୂଆ ସର୍ବନିମ୍ନ ସହାୟକ ମୂଲ୍ୟ ୭,୭୧୦ ଟଙ୍କା ସ୍ଥିର କରାଯାଇଛି । କପାର ଆଉ ଏକ ପ୍ରକାରର ମଧ୍ୟ ଏମଏସପି ବୃଦ୍ଧି ହୋଇ ୮,୧୧୦ ଟଙ୍କା କରାଯାଇଛି । ଯାହା ପୂର୍ବ ଅପେକ୍ଷା ୫୮୯ ଟଙ୍କା ଅଧିକ । ତେବେ ଏମଏସପି ବୃଦ୍ଧି କାରଣରୁ ସରକାରଙ୍କ ଉପରେ ୨ ଲକ୍ଷ ୭ ହଜାର କୋଟି ଟଙ୍କାର ବୋଝ ପଡ଼ିବ । ଯାହା ପୂର୍ବ ଫସଲ ଋତୁ ତୁଳନାରେ ୭ ହଜାର କୋଟି ଟଙ୍କା ଅଧିକ । ଏଥର ୨୦୨୫-୨୬ ଖରିଫ ଋତୁ ପାଇଁ ଏମଏସପିକୁ କ୍ୟାବିନେଟ୍ ଅନୁମୋଦନ କରିଛି । ମୋଟ ବ୍ୟୟ ପରିମାଣ ପ୍ରାୟ ୨,୦୭,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ପ୍ରତ୍ୟେକ ଫସଲ ପାଇଁ ଖର୍ଚ୍ଚ ସହିତ ୫୦ ପ୍ରତିଶତ ହିସାବରେ ନିଆଯାଇଛି । ସେହିଭଳି କେନ୍ଦ୍ର ସରକାର କ୍ୟାବିନେଟ ବୈ ?ଠକରେ ୨୦୨୫-୨୬ ପାଇଁ କିଷାନ କ୍ରେଡିଟ୍ କାର୍ଡ ସୁଧ ସବସିଡି ଯୋଜନା ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ସୁଧ ସବସିଡି ଯୋଜନା (ଗଓଝଝ) ଜାରି ରଖିବାକୁ ଅନୁମୋଦନ ମିଳିଛି । ଏଥିପାଇଁ ଆବଶ୍ୟକୀୟ ପାଣ୍ଠି ମଧ୍ୟ ସ୍ଥିର ହୋଇଛି । ଏହି ଯୋଜନା କିଷାନ କ୍ରେଡିଟ୍ କାର୍ଡ (କଉଉ) ମାଧ୍ୟମରେ ଚାଷୀମାନଙ୍କୁ କମ ସୁଧ ହାରରେ ଋଣ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ରହିଛି ।

# ପୁଣି ପାକ୍ ସୀମାରେ ବଡ଼ ହଲଚଲ: କାଲିଠୁ ମକ ଡ୍ରିଲ୍ !

ନୂଆଦିଲ୍ଲୀ : ଦେଶରେ ପୁଣି ଥରେ ମକ ଡ୍ରିଲ ପାଇଁ ପ୍ରସ୍ତୁତି ଚାଲିଛି । ରାଜସ୍ଥାନ, ଗୁଜରାଟ, ପଞ୍ଜାବ ଏବଂ ପାକିସ୍ତାନ ସୀମାବର୍ତ୍ତୀ ଜମ୍ମୁ କଶ୍ମୀରରେ ମକ ଡ୍ରିଲ କରାଯିବ । ଏହି ସମୟ ମଧ୍ୟରେ ଲୋକଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗତ ଥର ମକ ଡ୍ରିଲ ପୂର୍ବରୁ ଭାରତ ଅପରେଶନ ସିନ୍ଦୂର କରିଥିଲା । ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତୀୟ ସେନା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ନଷ୍ଟ କରିଦେଇଥିଲା । ପାକିସ୍ତାନ ସହିତ ଜାରି ଉତ୍ତେଜନା ମଧ୍ୟରେ କେନ୍ଦ୍ର ସରକାର ମେ ୭ ରେ ଦେଶରେ ମକ ଡ୍ରିଲ ଘୋଷଣା କରିଥିଲେ । ଏହା ପରେ, ପାକିସ୍ତାନ ଏବଂ ପାକ ଅଧିକୃତ କଶ୍ମୀରରେ ଅବସ୍ଥିତ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରାଯାଇଥିଲା । ଏବେ ପୁଣି ଥରେ ଦେଶରେ ମକ ଡ୍ରିଲ ହେବାକୁ ଯାଉଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ପ୍ରାୟ ୩୩୦୦ କିଲୋମିଟର ସୀମା ଅଛି । ପାକିସ୍ତାନ ଜମ୍ମୁ କଶ୍ମୀର, ପଞ୍ଜାବ, ରାଜସ୍ଥାନ ଏବଂ ଗୁଜରାଟ ସହିତ ତାର ସୀମା ଅଂଶୀଦାର କରେ । ଏଠାରେ ମକ ଡ୍ରିଲ କରାଯିବ । ପ୍ରକୃତରେ, ଏପ୍ରିଲ ୨୨ ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ପାକିସ୍ତାନ ଏବଂ ପିଓକେରେ ଅବସ୍ଥିତ ୯ ଟି ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଦେଇଥିଲା । ପ୍ରତିଶୋଧ ସ୍ୱରୂପ, ପାକିସ୍ତାନୀ ସେନା ଭାରତୀୟ ଅଞ୍ଚଳରେ ଡ୍ରୋନ ଆକ୍ରମଣ କରିଥିଲା, ଯେଉଁଥିରେ ୩୦୦ ରୁ ୪୦୦ ଡ୍ରୋନ ପଠାଯାଇଥିଲା । ତଥାପି, ଭାରତୀୟ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ପ୍ରଭାବଶାଳୀ ଭାବରେ ଏହି ଡ୍ରୋନ ଗୁଡ଼ିକୁ ନିଷ୍କ୍ରିୟ କରିଥିଲା । ଜମ୍ମୁ-କାଶ୍ମୀର, ରାଜସ୍ଥାନ ଏବଂ ପଞ୍ଜାବର ଅନେକ ସୀମାନ୍ତ ଅଞ୍ଚଳକୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା । ଡ୍ରୋନ ଏବଂ କ୍ଷେପଣାସ୍ତ୍ର ସହିତ ଆକ୍ରମଣ ଚେଷ୍ଟା ଯୋଗୁଁ, ଜମ୍ମୁ-କାଶ୍ମୀର, ପଞ୍ଜାବ ଏବଂ ରାଜସ୍ଥାନର ଅନେକ ଅଞ୍ଚଳରେ ବ୍ଲାକଆଉଟ ଏବଂ ସାଇରନ ବାଜିବା ଆରମ୍ଭ ହୋଇଥିଲା । ଏହା ପରେ, ଭାରତର ପ୍ରତିଶୋଧ ପାକିସ୍ତାନରେ ଆତଙ୍କ ସୃଷ୍ଟି କରିଥିଲା । ଉଭୟ ଦେଶର ସାମରିକ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ସ୍ତରରେ ପାକିସ୍ତାନ ଦ୍ୱାରା ଯୁଦ୍ଧବିରତି ଆରମ୍ଭ କରାଯାଇଥିଲା, ଯାହା ପରେ ଯୁଦ୍ଧବିରତି ଘୋଷଣା କରାଯାଇଥିଲା । ପରେ, ପାକିସ୍ତାନୀ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟ ନୁର ଖାନ ଏୟାରବେସ ଉପରେ ଭାରତୀୟ ଆକ୍ରମଣକୁ ସ୍ୱୀକାର କରିଥିଲେ । ସରିଫ ୟୁମ-ଏ-ତାଶାକୁର (ଧନ୍ୟବାଦ) ନାମକ ଏକ ଭବ୍ୟ ସମାରୋହରେ ତାଙ୍କ ଭାଷଣ ସମୟରେ ଏହି ବିବୃତ୍ତି ଦେଇଥିଲେ । ସରିଫ କହିଥିଲେ, "୯ ଏବଂ ୧୦ ମଇ ରାତିରେ, ପ୍ରାୟ ୨:୩୦ ସମୟରେ, ସେନା ମୁଖ୍ୟ ମୋତେ ଫୋନ କରି କହିଥିଲେ ଯେ ଭାରତ ବାଲିଷ୍ଟିକ କ୍ଷେପଣାସ୍ତ୍ର ଦ୍ୱାରା ଆମ ଉପରେ ଆକ୍ରମଣ କରିଛି । ଗୋଟିଏ କ୍ଷେପଣାସ୍ତ୍ର ନୁର ଖାନ ଏୟାରବେସ ଉପରେ ପଡ଼ିଥିଲା ଏବଂ ଅନ୍ୟ କିଛି କ୍ଷେପଣାସ୍ତ୍ର ଅନ୍ୟ ଅଞ୍ଚଳରେ ପଡ଼ିଥିଲା ।"



# ରୋହିତଙ୍କ ଅନୁରୋଧ ରଖିଲେ ଗମ୍ଭୀର

ନୂଆଦିଲ୍ଲୀ,୨୮।୫: ଜୁନ ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ଟିକିଆ। ଟେଷ୍ଟ ସିରିଜ ଆରମ୍ଭ ହେବ। ଏହି ସିରିଜ ସହ ଭାରତ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଅଭିଯାନ ଆରମ୍ଭ ମଧ କରିବ। ଏହା ବ୍ୟତୀତ ପ୍ରଥମଥର ପାଇଁ ଅଧିନାୟକ ରୋହିତ ଶର୍ମା ଓ ଷ୍ଟାର ବ୍ୟାଟର ବିରାଟଙ୍କ କୋହଲିଙ୍କ ଅବସର ପରେ ଭାରତୀୟ ଟିମ ଇଂଲଣ୍ଡରେ କୌଣସି ଟେଷ୍ଟ ସିରିଜ ଖେଳିବ ଶୁବମନ ଗିଲଙ୍କୁ ଭାରତୀୟ ଟେଷ୍ଟ ଟିମର ନୂଆ। ଅଧିନାୟକ କରାଯାଇଥିବା ବେଳେ ତାଙ୍କ ଉପରେ ସମସ୍ତଙ୍କ ନଜର ରହିବ ଗିଲଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଟିମର ନୂଆ। ପର୍ଯ୍ୟାୟ ମଧ ଆରମ୍ଭ ହେବ।

## ଦଳକୁ ଫେରିଲେ ଫିଲ୍ଡିଂ କୋଚ୍



ରୋହିତ ଓ ବିରାଟ ଅବସର ଘୋଷଣା କରିବା ପୂର୍ବରୁ ବିସିସିଆଇ ଭାରତୀୟ ଟିମର ଆସିସଷ୍ଟାଣ୍ଟ କୋଚ ଅଭିଷେକ ନାୟର ଓ ଫିଲ୍ଡିଂ କୋଚ ଟି ଦିଲୀପଙ୍କୁ ବିଦା କରି ଦେଇଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ବିସିସିଆଇ ପୁଣି ଥରେ ଦିଲୀପଙ୍କୁ ଭାରତୀୟ ଟିମର ଫିଲ୍ଡିଂ କୋଚ୍ ଭାବେ ନିଯୁକ୍ତି ଦେବାକୁ ରାଜି ହୋଇଛି। ଇଂଲଣ୍ଡ ଟୁରରେ ସେ ଦଳର ଫିଲ୍ଡିଂ କୋଚ ଦାୟିତ୍ୱରେ ରହିବେ।

ପିଟିଆଇର ରିପୋର୍ଟ ଅନୁସାରେ, ଭାରତୀୟ ଟିମର ନୂଆ। ଫିଲ୍ଡିଂ କୋଚ ଭାବେ ବିସିସିଆଇ ଜଣେ ବିଦେଶୀଙ୍କୁ ନିଯୁକ୍ତି ଦେବାକୁ ଚାହୁଁଥିଲା କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ ବିସିସିଆଇକୁ ଉପଯୁକ୍ତ ପ୍ରାର୍ଥୀ ମିଳି ନଥିଲେ ତେଣୁ ବିସିସିଆଇ ବାଧ ହୋଇ ଦିଲୀପଙ୍କୁ ପୁନଃ ନିଯୁକ୍ତି କରିଥିଲା

ହେଲେ କ୍ରିକବଜରେ ଏବେ ଚକିତ କରିବା ଭଳି ରିପୋର୍ଟ ପ୍ରକାଶ ପାଇଛି ଟି ଦିଲୀପଙ୍କ ପୁନଃ ନିଯୁକ୍ତ ପଛରେ ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ହାତ ଥିବା ରିପୋର୍ଟରେ ଦାବି କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ହାଇଦ୍ରାବାଦ ଭିତ୍ତିକ କୋଚ ଟି ଦିଲୀପଙ୍କୁ ଆସନ୍ତା ଗୋଟିଏ ବର୍ଷ ପାଇଁ ଫିଲ୍ଡିଂ କୋଚ ପଦରେ ରଖିବାକୁ ରୋହିତ ଶର୍ମା ବ୍ୟକ୍ତିଗତ ଭାବେ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କୁ ଅନୁରୋଧ କରିଥିଲେ। ଏହାପରେ ବିସିସିଆଇ ଟି ଦିଲୀପଙ୍କୁ ପୁଣି ଫିଲ୍ଡିଂ କୋଚ ଭାବେ ନିଯୁକ୍ତି ଦେଇଛି।

ଆହୁରି ମଧ ଜଣାପଡ଼ିଛି ଯେ ଦିଲୀପଙ୍କ ସ୍ଥାନରେ ବିସିସିଆଇ ରାୟନ ଟେନ ଡୋସେକେଟଙ୍କୁ ଫିଲ୍ଡିଂ କୋଚ ଭାବେ ନିଯୁକ୍ତି ଦେବାକୁ ଚାହୁଁଥିଲା। ହେଲେ ଏବେ ସେ ପୂର୍ବଭଳି ଗମ୍ଭୀର ଆସିସଷ୍ଟାଣ୍ଟ କୋଚ ଭାବେ କାମ କରିବେ। ଦିଲୀପ ଫିଲ୍ଡିଂ କୋଚ ଥିବା ବେଳେ ଗୋଟିଏ କୌତହଳ ପଦକ୍ଷେପ ନେଇଥିଲେ। ମ୍ୟାଚ୍ ଦିନ ସେ ନିଜେ କିମ୍ବା କିମ୍ବଦନ୍ତୀ ବ୍ୟକ୍ତିବିଶେଷଙ୍କୁ ଡ୍ରେସିଂ ରୁମକୁ ଡାକି ଶ୍ରେଷ୍ଠ ଫିଲ୍ଡରଙ୍କୁ ମେଡାଲ ଦେଉଥିଲେ। ଏହା ସୋଶାଲ ମିଡିଆରେ ବେଶ ଟ୍ରେଣ୍ଡ ମଧ କରିଥିଲା।

ଦିନିକିଆ ବିଶ୍ୱକପ ଠାରୁ ଆରମ୍ଭ କରି ୨୦୨୪ ଟି-୨୦ ବିଶ୍ୱକପ ଯାଏ। ଦିଲୀପ ସବୁବେଳେ ଶ୍ରେଷ୍ଠ କ୍ଷେତ୍ରରକ୍ଷକଙ୍କୁ ମେଡାଲ ଦେଇ ସମ୍ବୋଧିତ କରୁଥିଲେ। ଏବେ ସେ ପୁଣି ନିଯୁକ୍ତି ପାଇଥିବାରୁ ଇଂଲଣ୍ଡ ବିପକ୍ଷ ୫ ଟିକିଆ। ଟେଷ୍ଟରେ ସେହି ଟ୍ରେଣ୍ଡ ଜାରି ରହିବ।

# ଆଜି ବେଙ୍ଗାଲୁରୁ-ପଞ୍ଜାବ କ୍ୱାଲିଫାୟାର-୧

ନୂଆଦିଲ୍ଲୀ,୨୮।୫: ୨୦୨୫ରେ ଲିଗ୍ ପର୍ଯ୍ୟାୟ ମ୍ୟାଚ ସମାପ୍ତ ହୋଇଛି। ଆସନ୍ତାକାଲି ପ୍ଲେଅଫ୍ ମ୍ୟାଚ୍ ଆରମ୍ଭ ହେବ। କ୍ୱାଲିଫାୟର୍ -୧ ମ୍ୟାଚ ମୋହାଲିର ମୁଲାନପୁର କ୍ରିକେଟ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଖେଳାଯିବ। ଏହି ହାଇ-ଭୋଲଟେଜ ମ୍ୟାଚ୍ ପାଇଁ କ୍ରିକେଟ ପ୍ରଶଂସକଙ୍କ ଉତ୍ସାହିତ ଅଛନ୍ତି। ଏସବୁ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯଦି ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ଏହି ମ୍ୟାଚ ବାତିଲ ହୁଏ, ତେବେ କେଉଁ ଦଳ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବ ଆପଣଙ୍କୁ ଜଣାଇ ଦେଉଛୁ ଯେ, ପ୍ଲେଅଫ ପାଇଁ ସ୍ୱତନ୍ତ୍ର ନିୟମ ପ୍ରସ୍ତୁତ କରିଛି।



ଆଇପିଏଲ୍ କ୍ୱାଲିଫାୟର୍ -୧ ହେଉଛି ପ୍ଲେଅଫ୍‌ର ପ୍ରଥମ ବଡ଼ ପର୍ଯ୍ୟାୟ, ଯେଉଁଥିରେ ଲିଗ୍ ପର୍ଯ୍ୟାୟର ଶ୍ରେଷ୍ଠ-୨ ଦଳ ପରସ୍ପରକୁ ମୁହାଁମୁହିଁ ହୁଅନ୍ତି। ଏହି ମ୍ୟାଚର ବିଜୟୀ ଦଳ ସିଧାସଳଖ ଫାଇନାଲରେ ପ୍ରବେଶ କରେ, ଯେତେବେଳେ ପରାଜିତ ଦଳ କ୍ୱାଲିଫାୟର୍ -୨ ରେ ଆଉ ଏକ ସୁଯୋଗ ପାଏ। ଆରସିବି ଏବଂ ପଞ୍ଜାବ କିଙ୍ଗସ ଉଭୟ ଶକ୍ତିଶାଳୀ ଦଳ, ଏବଂ ଏହି ସିଜନରେ ସେମାନଙ୍କର ପ୍ରଦର୍ଶନ ପ୍ରଶଂସକଙ୍କ ହୃଦୟ ଜିତିଛି। ଏହାର ଆକ୍ରମଣାତ୍ମକ ବ୍ୟାଟିଂ ଏବଂ ସନ୍ତୁଳିତ ବୋଲିଂ ପାଇଁ ଜଣାଶୁଣା, ଯେତେବେଳେ ପଞ୍ଜାବ କିଙ୍ଗ୍ସର ଶକ୍ତି ସେମାନଙ୍କର ବିସ୍ଫୋରକ ବ୍ୟାଟିଂ ଏବଂ ଅଭିଜ୍ଞ ବୋଲରମାନଙ୍କ ମଧ୍ୟରେ ନଜର ଆସିଛି।

କିନ୍ତୁ ଏଭଳି ଏକ ବଡ଼ ଟୁର୍ନାମେଣ୍ଟରେ, ପାଗର ଅନିଶ୍ଚିତତା ସର୍ବଦା ଏକ ଚ୍ୟାଲେଞ୍ଜ ହୋଇଆସିଛି। ସେହି ସମୟରେ, କ୍ୱାଲିଫାୟର-୧ ମ୍ୟାଚ ପାଇଁ କୌଣସି ରିଜର୍ଭ ଡେ ରଖାଯାଇନାହିଁ। ଯଦି ବର୍ଷା, ଖରାପ ପାଗ କିମ୍ବା ଅନ୍ୟ କୌଣସି କାରଣରୁ ଏହି ମ୍ୟାଚ୍ ବାତିଲ ହୁଏ, ତେବେ ଗୋଟିଏ ଦଳ ସିଧାସଳଖ ଫାଇନାଲରେ ପହଞ୍ଚିବ। ଏହି ପରିସ୍ଥିତିରେ, ଲିଗ ପର୍ଯ୍ୟାୟର ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ଦଳକୁ ସୁବିଧା ମିଳିବ ଏବଂ ଫାଇନାଲକୁ ଟିକେଟ ମିଳିବ। ଆପଣଙ୍କୁ ଜଣାଇ ଦେଉଛୁ ଯେ, ଲିଗ ପର୍ଯ୍ୟାୟରେ ପଞ୍ଜାବ ପ୍ରଥମ ସ୍ଥାନରେ ରହିଛି ଏବଂ ଦ୍ୱିତୀୟ ସ୍ଥାନରେ ରହିଛି। ଏହାର ଅର୍ଥ ହେଉଛି ଯଦି କ୍ୱାଲିଫାୟର-୧ ବାତିଲ ହୁଏ, ତେବେ ପଞ୍ଜାବ ଫାଇନାଲରେ ପହଞ୍ଚିବ ଏବଂ କୁ କ୍ୱାଲିଫାୟର-୨ ଖେଳିବାକୁ ପଡିବ।

୨୦୨୫ ର ଲିଗ ପର୍ଯ୍ୟାୟରେ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ପଞ୍ଜାବ କିଙ୍ଗ୍ସର ପ୍ରଦର୍ଶନ ଅନ୍ୟ ଦଳ ତୁଳନାରେ ବହୁତ ଭଲ ଥିଲା। ପଞ୍ଜାବ କିଙ୍ଗ୍ସ ୧୪ଟି ମ୍ୟାଚ୍‌ରୁ ୯ଟିରେ ବିଜୟୀ ହୋଇଥିଲା ଏବଂ କେବଳ ୪ଟି ମ୍ୟାଚ୍ ହାରିଥିଲା। ସେହିଭଳି ଗୋଟିଏ ମ୍ୟାଚ୍ ଅନିର୍ଣ୍ଣାୟକ ଥିଲା। ଅପରପକ୍ଷେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ ଲିଗ ପର୍ଯ୍ୟାୟରେ ୯ଟି ମ୍ୟାଚ ଜିତିଥିଲା ଏବଂ କେବଳ ୪ଟି ମ୍ୟାଚ ହାରିଥିଲା। କିନ୍ତୁ ନେଟ ରନ ରେଟ ଯୋଗୁ ଏହା ପଞ୍ଜାବଠାରୁ ପଛରେ ପଡ଼ିଯାଇଥିଲା। ସେହିପରି ଏଲିମିନେଟର୍ ମ୍ୟାଚ ମେ ୩୦ରେ ଗୁଜୁରାଟ ଟାଇଟାନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବ। ଏଥିରେ ପରାଜିତ ଦଳ ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଯିବ, ଯେତେବେଳେ ବିଜେତା ଦଳ କ୍ୱାଲିଫାୟର୍-୨ ରେ ଖେଳିବ। କ୍ୱାଲିଫାୟର-୨ ମ୍ୟାଚ ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଜୁନ ୧ରେ ଖେଳାଯିବ। ଏଥିରେ କ୍ୱାଲିଫାୟର-୧ ର ପରାଜିତ ଦଳ ବନାମ ଏଲିମିନେଟରର ବିଜେତା ଦଳ ମଧ୍ୟରେ ମ୍ୟାଚ ହେବ। ଫାଇନାଲ୍ ମ୍ୟାଚ ଜୁନ ୩ରେ ଖେଳାଯିବ। ଏଥିରେ କ୍ୱାଲିଫାୟର-୧ ଏବଂ କ୍ୱାଲିଫାୟର-୨ ର ବିଜେତା ଦଳ ମଧ୍ୟରେ ମ୍ୟାଚ ଖେଳାଯିବ।


# ସିଙ୍ଗାପୁର ଓପନ୍ ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ

ସିଙ୍ଗାପୁର,୨୮।୫: ଯୁଗଳ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପିଭି ସିନ୍ଧୁ ଏବଂ ଏଚ୍ଏସ୍ ପ୍ରଣୟ ସିଙ୍ଗାପୁର ଓପନ୍ ସୁପର-୭୫୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନ୍ଧୁ ନିଜ ପ୍ରଥମ ମୁକାବିଲାରେ କାନାଡାର ନେ୍ ୟୁ ଝାଙ୍ଗଙ୍କୁ ମାତ୍ର ୩୧ ମିନିଟ୍ ସମୟ ନେଇ ୨୧-୧୪, ୨୧-୯ରେ ପରାସ୍ତ କରିଥିଲେ। ଦ୍ୱିତୀୟ ରାଉଣ୍ଡ୍‌ରେ କିନ୍ତୁ ତାଙ୍କ ପାଇଁ କଠିନ ପରୀକ୍ଷା ଅପେକ୍ଷା କରି ରହିଛି। କାରଣ ଏହି ରାଉଣ୍ଡ୍‌ରେ ସେ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ସଂପ୍ରତି ବିଶ୍ୱମାନ୍ୟତାର ପଞ୍ଚମ ସ୍ଥାନରେ ଥିବା ଚିନରେ ଚେନ୍ ୟୁ ଫେଇଙ୍କୁ ଭେଟିବେ।

ଅନ୍ୟପକ୍ଷରେ ବିଶ୍ୱମାନ୍ୟତାର ୩୪ତମ ସ୍ଥାନ୍ରେ ଥିବା ପ୍ରଣୟଙ୍କୁ ନିଜ ମ୍ୟାଚ୍ ଜିତିବା ଲାଗି ବଡ଼ ସଂଘର୍ଷ କରିବାକୁ ପଡ଼ିଥିଲା। ତେବେ ସେ ନିଜଠାରୁ ଉଚ୍ଚ ମାନ୍ୟତାପ୍ରାପ୍ତ ଡେନମାର୍କର ରାସମସ୍ ଗେମ୍‌କେଙ୍କୁ ୧୯-୨୧, ୨୧-୧୬, ୨୧-୧୪ରେ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡ୍‌କୁ ଯାଇଥିଲେ। ଅନ୍ୟଭାରତୀୟଙ୍କ ମଧ୍ୟରେ ମାଳବିକା ବନ୍‌ସୋଦ, ଅନମୋଲ ଖରାବ, ପ୍ରିୟାଂଶୁ ରାଜାତ ଓ କିରଣ ଜର୍ଜ ନିଜନିଜ ମ୍ୟାଚ୍ ହାରି ନେରାଶ୍ୟଜନକ ଭାବେ ପ୍ରଥମ ରାଉଣ୍ଡ୍‌ରୁ ବିଦାୟ ନେଇଥିଲେ।

# ରିଷଭ ପନ୍ତଙ୍କୁ ୩୦ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ,୨୮।୫: ଆଇପିଏଲ୍ ଚଳିତ ସିଜିନର ଶେଷ ଲିଗ ପର୍ଯ୍ୟାୟ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ ରିଷଭ ପନ୍ତ ଆରସିବି ବିପକ୍ଷରେ ୧୧୮ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ ଏହି ମ୍ୟାଚ୍‌ରେ ସେ ଫ୍ଲିପ କରି ତାଙ୍କର ଶତକ ପାଳନ କରିଥିଲେ।ଏହା ତାଙ୍କ ପାଇଁ ଏକ ସନ୍ତୋଷଜନକ ଇନିଂସ ଥିଲା କାରଣ ଏହା ପୂର୍ବରୁ ସମଗ୍ର ସିଜିନରେ ତାଙ୍କ ବ୍ୟାଟ୍‌ରୁ କେବଳ ୧୫୧ ରନ ଆସିଥିଲା ମ୍ୟାଚ ପରେ, ବିସିସିଆଇ ଅଧିନାୟକ ପନ୍ତଙ୍କ ଉପରେ ୩୦ ଲକ୍ଷ ଟଙ୍କାର ଏକ ବଡ଼ ଜରିମାନା ଲଗାଇଥିଲା ଦିଗବେଶ ରାଠି ସମେତ ସମସ୍ତ ଖେଳାଳିଙ୍କ ମ୍ୟାଚ ଫିସ ମଧ କାଟି ଦିଆଯାଇଥିଲା।



ଆରସିବି ବିପକ୍ଷ ମ୍ୟାଚ୍‌ରେ ସ୍ଲୋ ଓଭର ରେଟ ବଜାୟ ରଖିବା ପାଇଁ ଅଧିନାୟକ ରିଷଭ ପନ୍ତ ଏବଂ ତାଙ୍କ ଦଳକୁ ଜରିମାନା କରାଯାଇଥିଲା ସ୍ଲୋ ଓଭର-ରେଟ ଅପରାଧ ସହିତ ଜଡିତ ଆଇପିଏଲ୍‌ର ଆଚରଣ ସଂହିତା ଅନୁଯାୟୀ, ସିଜିନରେ ଏହା ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ତୃତୀୟ ଅପରାଧ ହୋଇଥିବାରୁ, ଦଳର ଅଧିନାୟକ ରିଷଭ ପନ୍ତଙ୍କୁ ୩୦ ଲକ୍ଷ ଟଙ୍କା ଜରିମାନା କରାଯାଇଛି।ଏହି ମ୍ୟାଚ୍‌ରେ ପ୍ଲେଇଂ ଇଲେଭେନର ଅନ୍ୟ ଖେଳାଳିଙ୍କ ସହିତ ଇମ୍ପାକ୍ଟ ପ୍ଲେୟାରଙ୍କୁ ବ୍ୟକ୍ତିଗତ ଭାବରେ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

## ଅରେଞ୍ଜ-ପର୍ପଲ କ୍ୟାପ୍ ତାଲିକା

### ଅରେଞ୍ଜ କ୍ୟାପ ଲିଡରବୋର୍ଡ

ସାଇ ସୁଦର୍ଶନ (ଗୁଜରାଟ ଟାଇଟାନ୍ସ) ୧୪ ମ୍ୟାଚରେ ୬୭୯ ରନ
ଶୁବମନ ଗିଲ (ଗୁଜରାଟ ଟାଇଟାନ୍ସ) ୧୪ ମ୍ୟାଚରେ ୬୪୯ ରନ
ସୂର୍ଯ୍ୟକୁମାର ଯାଦବ (ମୁମ୍ବାଇ ଇଣ୍ଡିଆନ୍ସ) ୧୪ ମ୍ୟାଚରେ ୬୪୦ ରନ
ମିଚେଲ ମାର୍ଶ (ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ) ୧୪ ମ୍ୟାଚରେ ୬୨୭ ରନ
ବିରାଟ କୋହଲି (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ) ୧୩ ମ୍ୟାଚରେ ୬୦୨ ରନ

### ୨୦୨୫ରେ ପର୍ପଲ କ୍ୟାପ୍

ନୂର ଅହମ୍ମଦ (ଚେନ୍ନାଇ ସୁପର କିଙ୍ଗ୍ସ)- ୧୪ ମ୍ୟାଚ୍‌ରେ ୨୪ ଉଇକେଟ
ପ୍ରସିଦ୍ଧ କ୍ରିଷ୍ଣା (ଗୁଜରାଟ ଟାଇଟାନ୍ସ)- ୧୪ ମ୍ୟାଚ୍‌ରେ ୨୩ ଉଇକେଟ
ଟ୍ରେଣ୍ଟ ବୋଲ୍ଟ (ମୁମ୍ବାଇ ଇଣ୍ଡିଆନ୍ସ)- ୧୪ ମ୍ୟାଚ୍‌ରେ ୧୯ ଉଇକେଟ
ଜୋଶ ହାଜେଲଉଡ (ଆରସିବି)- ୧୦ ମ୍ୟାଚ୍‌ରେ ୧୮ ଉଇକେଟ
ଅର୍ଶଦୀପ ସିଂହ (ପଞ୍ଜାବ କିଙ୍ଗ୍ସ)- ୧୪ ମ୍ୟାଚ୍‌ରେ ୧୮ ଉଇକେଟ

# ଅବସର ନେବାକୁ ଚାହୁଁନଥିଲେ ଆଣ୍ଡରସନ

ନୂଆଦିଲ୍ଲୀ,୨୮।୫: ଜେମ୍ସ ଆଣ୍ଡରସନ ୪୨ ବର୍ଷ ବୟସରେ ଟେଷ୍ଟ କ୍ରିକେଟରୁ ବିଦାୟ ନେଇଥିଲେ। ଆଣ୍ଡରସନ ଯେତେବେଳେ ତାଙ୍କ ୨୧ ବର୍ଷର କ୍ୟାରିଅର ଶେଷ କରିଥିଲେ, ସେତେବେଳେ ସାରା ବିଶ୍ୱ ତାଙ୍କୁ ସଲାମ କରୁଥିବାର ଦେଖାଯାଇଥିଲା। କିନ୍ତୁ ଆଣ୍ଡରସନ ଆଦୌ ଅବସର ନେବାକୁ ଚାହୁଁ ନ ଥିଲେ। ନିକଟରେ ସେ ଏନେଇ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା କରିଛନ୍ତି।ଏକ ଖବରକାଗଜକୁ କଥାବାର୍ତ୍ତାରେ ସେ କହିଛନ୍ତି ଯେ ଏହି ଅବସର ତାଙ୍କ ଇଚ୍ଛାରେ ନୁହେଁ, ବରଂ ଦଳ ପରିଚାଳନାର ନିଷ୍ପତ୍ତି ଯୋଗୁ ହୋଇଥିଲା।



ଦ ଇଣ୍ଡିପେଣ୍ଡେଣ୍ଟକୁ ଏକ ସାକ୍ଷାତକାର ଦେଇ ଆଣ୍ଡରସନ କହିଛନ୍ତି, ମୁଁ ଏବେ ବି ଅବସର ନିଷ୍ପତ୍ତିକୁ ନେଇ ଟିକେ ଦ୍ୱନ୍ଦ୍ୱରେ ଅଛି। ଏହା ମୋ ନିୟନ୍ତ୍ରଣରେ ନ ଥିଲା। ସେମାନେ ମୋତେ ଦଳରୁ ବାହାର କରିବାକୁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ଏହା ବହୁତ ଦୁଃଖଦ ଥିଲା। ଏହାଛଡ଼ା ସେ ଆହୁର କହଥିଲେ ଯେ ସେ ତାଙ୍କର ଶେଷ ଟେଷ୍ଟ ପୂର୍ବରୁ ଆଗାମୀ ଦେଢ଼ ବର୍ଷ ପାଇଁ ଟେଷ୍ଟ କ୍ରିକେଟ ଖେଳିବାକୁ ପ୍ରସ୍ତୁତ ହେଉଥିଲେ। ତାଙ୍କ ମନରେ ଅବସର ବିଷୟରେ କୌଣସି ଚିନ୍ତା ନଥିଲା ଏବଂ ସେ ଖେଳିବାକୁ ଏବେ ବି ଉତ୍ସାହିତ ଥିଲେ।

ମେ ୨୦୨୪ରେ, ଏପରି ରିପୋର୍ଟ ଆସିଥିଲା ଯେ ଇଂଲଣ୍ଡ ପ୍ରଶିକ୍ଷକ ବ୍ରେଣ୍ଡନ ମ୍ୟାକକୁଲମ ଆଣ୍ଡରସନଙ୍କୁ ଅବସର ନେବାକୁ କହିଥିଲେ। ଦ ଗାର୍ଡିଆନ ଅନୁଯାୟୀ, ମ୍ୟାକକୁଲମ ୟୁକେରେ ଏକ ଗଲ୍ଫ ଟୁର ସମୟରେ ଆଣ୍ଡରସନଙ୍କୁ ଭେଟି ଦଳର ଭବିଷ୍ୟତକୁ ଦୃଷ୍ଟିରେ ରଖି ଅବସର ନେବାକୁ ପରାମର୍ଶ ଦେଇଥିଲେ।

ଜେମ୍ସ ଆଣ୍ଡରସନ ତାଙ୍କ ୨୧ ବର୍ଷର କ୍ୟାରିୟରରେ ଅନେକ ରେକର୍ଡ କରିଥିଲେ। ସେ ୧୮୬ ଟେଷ୍ଟ ମ୍ୟାଚ୍ ଖେଳି ସଚିନଙ୍କ ପରେ ଦ୍ୱିତୀୟ ସର୍ବାଧିକ ଟେଷ୍ଟ ଖେଳାଳି ସେ ଟେଷ୍ଟ କ୍ରିକେଟରେ ତୃତୀୟ ସର୍ବାଧିକ ଉଇକେଟ ନେଇଥିବା ବୋଲର। ତାଙ୍କର ୩୨ଟି ଚାରି ଉଇକେଟ ଏବଂ ପାଞ୍ଚଟି ଉଇକେଟ ଏବଂ ୩ଟି ଦଶ ଉଇକେଟ ଅକ୍ତିଆର ଅଛି। ସେ ସର୍ବାଧିକ ଟେଷ୍ଟ ଖେଳିଥିବା ଦ୍ରୁତତମ ବୋଲର ଏବଂ ଟେଷ୍ଟ ଇତିହାସରେ ଚତୁର୍ଥ ସର୍ବାଧିକ ବଲ-ବୋଲର ତଥାପି, ଏହି ଖେଳାଳି ଏବେ ଯେଉଁ ପ୍ରକାରର ଦାବି କରୁଛନ୍ତି ତାହା ପ୍ରକୃତରେ ଆଶ୍ଚର୍ଯ୍ୟଜନକ। ଯଦି ଇଂଲଣ୍ଡ କ୍ରିକେଟ ଦଳ ତାଙ୍କ ସହିତ ଏପରି କରିଛି, ତେବେ ଏହା ନିରାଶାଜନକ।

# ବରବାଦ ହେଲେ ସଞ୍ଜିବ ଗୋଏଙ୍କା !

ନୂଆଦିଲ୍ଲୀ,୨୮।୫: ୨୦୨୫ରେ, ଲକ୍ଷ୍ନୌ ସୁପର ଜାଏଣ୍ଟସର ଯାତ୍ରା ଲିଗ ପର୍ଯ୍ୟାୟରେ ହିଁ ଶେଷ ହୋଇଥିଲା। ଏହା ପଏଣ୍ଟ ଟେବୁଲରେ ଷଷ୍ଠ ସ୍ଥାନରେ ରହିଥିଲା। ଦଳ ୧୪ ମ୍ୟାଚରୁ ୬ଟିରେ ବିଜୟୀ ହୋଇଥିଲା ୨୭ମେରେ ଲକ୍ଷ୍ନୌ ବିପକ୍ଷରେ ଏହାର ଶେଷ ଲିଗ ମ୍ୟାଚ ଖେଳିଥିଲା। ଏହି ମ୍ୟାଚରେ ମଧ ଏହାକୁ ପରାଜୟର ସାମ୍ନା କରିବାକୁ ପଡିଥିଲା।



ଲକ୍ଷ୍ନୌ ସୁପର ଜାଏଣ୍ଟସର ସମ୍ପୂର୍ଣ୍ଣ ସିଜିନ ବିଷୟରେ କହିବାକୁ ଗଲେ, ଦଳର ଯାତ୍ରା କଣ କରିବ ଏବଂ କଣ କରିବ ନାହିଁ ତାହା ନେଇ ବିତିଯାଇଥିଲା। ଆଘାତ ଯୋଗୁ ଦଳର ଅନେକ ପ୍ରମୁଖ ଖେଳାଳି ଅସୁବିଧାରେ ପଡ଼ିଥିବା ଦେଖାଯାଉଥିଲେ। ତଥାପି, ସବୁଠାରୁ ନିରାଶ କରିଥିବା ଖେଳାଳି ଥିଲେ ଅଧିନାୟକ ରିଷଭ ପନ୍ତ।ତଥାପି, ଅଧିନାୟକ ରିଷଭ ପନ୍ତ ଶେଷ ଲିଗ ମ୍ୟାଚରେ ଶତକ ହାସଲ କରି ଏହି ସିଜିନ ଶେଷ କରିଥିଲେ। ପନ୍ତ ଲକ୍ଷ୍ନୌ ପାଇଁ ୧୪ମ୍ୟାଚରେ ୨୪.୪୫ ହାରରେ ଏବଂ ୧୩୩.୧୬ ଷ୍ଟ୍ରାଇକ ରେଟରେ ମୋଟ ୨୬୯ରନ କରିଥିଲେ। ସେ ଆରସିବି ବିପକ୍ଷରେ ୧୧୭ରନର ଅପରାଜିତ ଇନିଂସ ଖେଳିଥିଲେ।

ଏହା ପୂର୍ବରୁ, ତାଙ୍କୁ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା ଦେଖାଯାଇଥିଲା। ବିଶେଷ କଥା ହେଉଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ନିଲାମରେ ରିଷଭ ପନ୍ତଙ୍କୁ ୨୭ କୋଟି ଟଙ୍କାରେ କିଣିଥିଲା। ପନ୍ତ ଆଇପିଏଲ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ହୋଇଥିଲେ। କିନ୍ତୁ, ତାଙ୍କର ପ୍ରଦର୍ଶନ ତାଙ୍କ ଫିଜ ଅନୁଯାୟୀ ନଥିଲା ଅର୍ଥାତ୍ ଏହା ବଡ଼ ନାମ ଏବଂ ଛୋଟ ଦେଖାଯିବାର କାହାଣୀ ଥିଲା। ଏହି ସମୟରେ, ଯଦି ଆମେ ରିଷଭ ପନ୍ତଙ୍କ ୨୭ କୋଟି ଟଙ୍କା ଗଣନା କରିବା, ତେବେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଆଇପିଏଲ ୨୦୨୫ରେ ସେ କରିଥିବା ପ୍ରତ୍ୟେକ ରନ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। କେବଳ ଏତିକି ନୁହେଁ, ତାଙ୍କୁ ପ୍ରତ୍ୟେକ ମ୍ୟାଚ ପାଇଁ ୧.୯୩ କୋଟି ଟଙ୍କା ମିଳିଛି। ବିଦେଶୀ ଖେଳାଳିମାନେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପାଇଁ ଦୃଢ଼ ପ୍ରଦର୍ଶନ କରିଥିଲେ ସେମାନେ ଆଗକୁ ଆସି ଦଳ ପାଇଁ ରନ କରିଥିଲେ। ଏଥିରେ ନିକୋଲାସ ପୁରନ, ମିଚେଲ ମାର୍ଶ ଏବଂ ଏଡେନ ମାର୍କରାମ ସାମିଲ ଥିଲେ। ଫ୍ରାଞ୍ଚାଇଜ। ଏହି ସିଜିନରୁ ଶିଖି ଭଲ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ପରବର୍ତ୍ତୀ ସିଜିନରେ ପ୍ରବେଶ କରିବ।

# ରୋହିତ ଓ କୋହଲିଙ୍କ ପରେ ଅବସର ନେବେ ପୁରୁଖା ଖେଳାଳି !

ନୂଆଦିଲ୍ଲୀ,୨୮।୫: ଭାରତୀୟ କ୍ରିକେଟ ବର୍ତ୍ତମାନ ଏକ ପାଳବଦଳର ସମୟ ମଧ ଦେଇ ଗତି କରୁଛି ଦୀର୍ଘ ବର୍ଷ ଧରି ଭାରତୀୟ ଦଳକୁ ନେତୃତ୍ୱ ଦେଇଥିବା ଦୁଇ ଦିଗ୍ଗଜ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି । ରୋହିତ ୨୦୨୫ ମସିହା ମେ ୭ ତାରିଖରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ବେଳେ ବିରାଟ ମଧ ମେ ୧୨ରେ ତାଙ୍କ ଟେଷ୍ଟ କ୍ୟାରିୟରକୁ ଅଲବିଦା କହିଛନ୍ତି ।ଏହି ଦୁଇ ଷ୍ଟାର ଖେଳାଳିଙ୍କ ଅବସର ପରେ ଭାରତୀୟ କ୍ରିକେଟ ଦଳରେ ଏକ ବ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ।ଏହା ମଧ୍ୟରେ ଆଲୋଚନା ଜୋର ଧରିଛି ଯେ ଆଉ କେଉଁ ଖେଳାଳିମାନେ ୨୦୨୫ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇପାରନ୍ତି। ସୂଚନା ଅନୁସାରେ, ଆଉ କେତେଜଣ ବରିଷ୍ଠ ଖେଳାଳି ନିକଟ ଭବିଷ୍ୟତରେ ଅବସର ନେବାର ସମ୍ଭାବନା ରହିଛି।

ରବୀନ୍ଦ୍ର ଜାଡେଜା: ଭାରତୀୟ ଦଳର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ମଧ ତାଙ୍କ କ୍ୟାରିୟରର ଶେଷ ପର୍ଯ୍ୟାୟରେ ଅଛନ୍ତି ୨୦୨୪ରେ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଜାଡେଜା ଚମ୍ପିଆନ୍ସ ଟ୍ରଫି ୨୦୨୫ରେ ଭାରତକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ପୂର୍ବତନ କ୍ରିକେଟର ଆକାଶ ଚୋପ୍ରାଙ୍କ ମତରେ, ଚମ୍ପିଆନ୍ସ ଟ୍ରଫି ଜାଡେଜାଙ୍କ ଶେଷ ଆଇସିସି ଇଭେଣ୍ଟ ହୋଇପାରେ ତାଙ୍କ ବୟସ ଓ ଦଳରେ ନୂଆ। ଖେଳାଳିଙ୍କୁ ସୁଯୋଗ ଦେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାଡେଜା ଟେଷ୍ଟ କିମ୍ବା ଏକଦିବସୀୟ କ୍ରିକେଟରୁ ଅବସର ନେଇପାରନ୍ତି।



ମହମ୍ମଦ ଶାମି: ଭାରତୀୟ ଦଳର ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଶାମୀ ମଧ ଅବସରର ସମ୍ଭାବନା ମଧ୍ୟରେ ଅଛନ୍ତି। ଶାମୀ ନିକଟରେ ଚମ୍ପିଆନ୍ସ ଟ୍ରଫିରେ ଦମଦାର ପ୍ରଦର୍ଶନ କରିଥିଲେ, ଯେଉଁଠାରେ ସେ ୪ଟି ମ୍ୟାଚରେ ୮ଟି ଓ୍ୱିକେଟ ନେଇଥିଲେ ତଥାପି, ତାଙ୍କ ବୟସ ଓ ଶାରୀରିକ ସ୍ଥିତିକୁ ଦୃଷ୍ଟିରେ ରଖି ସେ ନିକଟ ଭବିଷ୍ୟତରେ ଅବସର ନେବା ବିଷୟରେ ଚିନ୍ତା କରିପାରନ୍ତି।

ଚେତେଶ୍ୱର ପୂଜାରା: ଟେଷ୍ଟ କ୍ରିକେଟରେ ଭାରତର ଏକ ନିର୍ଭରଯୋଗ୍ୟ ବ୍ୟାଟସମ୍ୟାନ ଚେତେଶ୍ୱର ପୂଜାରା ମଧ ତାଙ୍କ କ୍ୟାରିୟରର ଶେଷ ଦିଗରେ ଅଛନ୍ତି। ୨୦୨୪ରେ ଦଳରୁ ବାଦ ପୂଜାରାଙ୍କୁ ପୁନର୍ବାର ଦଳକୁ ଫେରାଇବାର ସମ୍ଭାବନା କମ ଥିବାରୁ ସେ ଅବସର ନେଇପାରନ୍ତି।

ଅଜିଙ୍କ୍ୟ ରାହାଣେ: ଆଉ ଜଣେ ବରିଷ୍ଠ ଟେଷ୍ଟ ଖେଳାଳି ଅଜିଙ୍କ୍ୟ ରାହାଣେ ମଧ ଅବସରର କଗାରରେ ଥାଇପାରନ୍ତି। ଗତ କିଛି ବର୍ଷ ଧରି ଅନିୟମିତ ପ୍ରଦର୍ଶନ ଯୋଗୁଁ ରାହାଣେ ଦଳରେ ସ୍ଥାୟୀ ସ୍ଥାନ ହରାଇଛନ୍ତି ତେଣୁ ସେ ୨୦୨୫ରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିପାରନ୍ତି।

ଆର୍. ଅଶ୍ୱିନ: ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଇତିମଧ୍ୟେ ୨୦୨୪ ଡିସେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି ।ତେଣୁ ତାଙ୍କ ନାମ ଏହି ତାଲିକାରେ ଏକ ଉଦାହରଣ ଭାବେ ରହିଛି, ଯିଏ ରୋହିତ ଓ କୋହଲିଙ୍କ ପୂର୍ବରୁ ଅବସର ନେଇଛନ୍ତି।

ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଟେଷ୍ଟ ଅବସର ଭାରତୀୟ କ୍ରିକେଟ ପାଇଁ ଏକ ଯୁଗର ଅନ୍ତ ବୋଲି ବିବେଚନା କରାଯାଉଛି ପୂର୍ବତନ କ୍ରିକେଟର ଦିଲୀପ ଭେଙ୍ଗସରକାର କହିଛନ୍ତି, ଉଭୟ ଖେଳାଳି ଅସାଧାରଣ ପ୍ରଦର୍ଶନ କରିଛନ୍ତି ଏବଂ ଭାରତୀୟ କ୍ରିକେଟରେ ତାଙ୍କର ଅବଦାନ ଅନନ୍ୟ ତେବେ। ଏହି ଅବସର ନୂଆ। ଖେଳାଳିଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଶୁଭମନ ଗିଲ, ଯଶସ୍ୱୀ ଜୟସାଲ, ଶ୍ରେୟସ ଆୟର ଓ ସରଫରାଜ ଖାନ ପରି ଯୁବ ଖେଳାଳିମାନେ ଏହି ଶୂନ୍ୟସ୍ଥାନ ପୂରଣ କରିବାକୁ ପ୍ରସ୍ତୁତ ଅଛନ୍ତି। ଆଗାମୀ ଇଂଲଣ୍ଡ ଟେଷ୍ଟ ସିରିଜ (୨୦ ଜୁନ ୨୦୨୫ରୁ ଆରମ୍ଭ) ଭାରତୀୟ ଦଳ ପାଇଁ ଏକ ବଡ଼ ପରୀକ୍ଷା ହେବ। ନୂଆ। ନେତୃତ୍ୱଓ ଯୁବ ଖେଳାଳିଙ୍କ ସହାୟତାରେ ଦଳ କିପରି ପ୍ରଦର୍ଶନ କରୁଛି, ତାହା ଦେଖିବା ମଜାଦାର ରହିବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ